

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:137✦10 September 2026 (Thursday)✦Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୧୩୭✦୧୦ ସେପ୍ଟେମ୍ବର ୨୦୨୬ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ଆଇଏଚ୍‌ସି ମୁଖ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ୟୁଏଇରେ ନିବେଶ ଓ ରଣନୀତିକ ସହଭାଗିତା ଦିଗରେ ଓଡ଼ିଶାକୁ ବଡ଼ ଉପଲବ୍ଧି



ଆବୁଧାବି,୯/୯ : ଆବୁଧାବି ସ୍ଥିତ ଆଇଏଚସି ମୁଖ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ତାଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ , ଗୃହ, ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଓଡ଼ିଶା ସରକାରଙ୍କ ପ୍ରତିନିଧିମଣ୍ଡଳୀ ଉପସ୍ଥିତ ଅଛନ୍ତି । ଓଏଉ ମୁଖ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଇଆରଏଚର ସିଇଓ ଅଲି ଅଲ୍ରାଶଦି, ଓଏଉର ଉରଙ୍ଗ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୟଦ ବସର ଶୁଏବ, ଓଏଉର ମୁଖ୍ୟ ରଣନୀତିକ ଏବଂ ଅଭିବୃଦ୍ଧି ଅଧିକାରୀ ପିଟର ଅବ୍ରାମ ଏବଂ ୨ପଏଟଂଜିରୋ ଗ୍ରୁପ୍ ର ଉରଙ୍ଗ ସାମିଆ ବୁଆଜା ଭବ୍ୟ ସ୍ୱାଗତ କରିଥିଲେ । ଏହି ଅବସରରେ ଆରବୀୟ ଲୋକନୃତ୍ୟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଏଭଳି ଭବ୍ୟ ଓ ପାରମ୍ପରିକ ସ୍ୱାଗତକୁ ମୁଖ୍ୟମନ୍ତ୍ରୀ ଖୁବ୍ ପ୍ରଶଂସା କରିଥିଲେ । ଟଇରରେ ନିବେଶ ଓ ରଣନୀତିକ ସହଭାଗିତା ଦିଗରେ ଓଡ଼ିଶାର ଏହା ଆଉ ଏକ ପଦକ୍ଷେପ । ଓଏଉ ଏବଂ ଏହାର ସହଯୋଗୀ କମ୍ପାନୀଗୁଡ଼ିକ ସହ ଓଡ଼ିଶାର ବିଭିନ୍ନ ରଣନୀତିକ ଶିଳ୍ପ କ୍ଷେତ୍ରରେ ନିବେଶ ଓ ସହଭାଗିତାର ସମ୍ଭାବନା ନେଇ ଆଲୋଚନା ହେବ । ଟଇରରେ ଏହି ନିବେଶକ ସଂଯୋଗ ଅଭିଯାନ ମାଧ୍ୟମରେ ଓଡ଼ିଶା ଓ ଟଇର ମଧ୍ୟରେ ଶିଳ୍ପ ଏବଂ ବ୍ୟବସାୟିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହା ଓଡ଼ିଶା ପାଇଁ ବଡ଼ ଉପଲବ୍ଧି । ଟଇରରେ ନିବେଶ ଏବଂ ରଣନୀତିକ ସହଭାଗିତା କ୍ଷେତ୍ରରେ ଓଡ଼ିଶା ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ ଦିଗରେ ଆଗକୁ ବଢ଼ୁଛି । ଆଇଏଚ୍‌ସି ମୁଖ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଆଇଆରଏଚ୍‌ର ସିଇଓ ଅଲି ଅଲରାସଦି, ଆଇଏଚ୍‌ସିର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ସୟଦ ବାସର ଶୁଏବ, ଚିଫ୍ ଷ୍ଟ୍ରାଟେଜିକ୍ ଆଣ୍ଡ ଗ୍ରୋଥ୍ ଅଫିସର ପିଟର ଆବ୍ରାମ ଓ ୨ ପଏଟଂ ଜିରୋ ଗ୍ରୁପ୍‌ର ସିଇଓ ସାମିଆ ବୁଆଜା ସ୍ୱାଗତ କରିଥିଲେ । ଏହି ଅବସରରେ ଆରବୀୟ ଲୋକନୃତ୍ୟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଏହାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ । ଏହି ଗସ୍ତ ସମୟରେ ଆଇଏଚ୍‌ସି ଓ ଏହାର ସହଯୋଗୀ କମ୍ପାନିଗୁଡ଼ିକ ସହ ଓଡ଼ିଶାର ବିଭିନ୍ନ ଶିଳ୍ପ କ୍ଷେତ୍ରରେ ନିବେଶ ଓ ବ୍ୟବସାୟିକ ସହଭାଗିତାର ସମ୍ଭାବନା ନେଇ ଆଲୋଚନା ହେବ ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


# ସାଉଦି ଆରବର ଉପରେ ହୁତି ବିଦ୍ରୋହୀଙ୍କ ଆକ୍ରମଣକୁ ନିନ୍ଦା କଲା ଭାରତ



ନୂଆଦିଲ୍ଲୀ,୯/୯ : ସାଉଦି ଆରବର ଗୁରୁତ୍ୱପୂର୍ଣ୍ଣ ଶକ୍ତି ପ୍ରକଳ୍ପ ଓ ଜନସାଧାରଣ ବ୍ୟବହାର କରୁଥିବା ଭିନ୍ନିଭୂମି ଉପରେ ୟେମେନର ହୁତି ବିଦ୍ରୋହୀଙ୍କ ଭୟାବହ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣକୁ ଭାରତ ବୁଧବାର ଦୃଢ଼ ଶବ୍ଦରେ ନିନ୍ଦା କରିଛି । ଏହି ଆକ୍ରମଣ ଆଂଚଳିକ ସୁରକ୍ଷା ଓ ସ୍ଥିରତାକୁ ବିପନ୍ନ କରିବା ସହ ''ବାବ୍-ଏଲ୍-ମାଣ୍ଡେବ୍'' ସାମୁଦ୍ରିକ ପ୍ରଣାଳୀରେ ନୌଚାଳନାର ସ୍ୱାଧୀନତା ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ବୈଦେଶିକ ମନ୍ତ୍ରଣାଳୟର ସରକାରୀ ପ୍ରବକ୍ତା ରଣଧୀର ଜୈସୱାଲ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ସାଉଦି ଆରବର ସାର୍ବଭୌମ ଆଂଚଳିକ ସୀମା, ବିଶେଷ କରି ସାଧାରଣ ନାଗରିକ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ଲକ୍ଷ୍ୟ କରି କରାଯାଉଥିବା ଏହିପରି ଆକ୍ରମଣ ଗ୍ରହଣଯୋଗ୍ୟ ନୁହେଁ । ସାଉଦି ଅରବର ତୈଳ କମ୍ପାନୀ ''ଆରାମକୋ''ର ଶୋଧନାଗାର ଏବଂ ଅନ୍ୟାନ୍ୟ ପ୍ରକଳ୍ପକୁ ଲକ୍ଷ୍ୟ କରି ହୁତି ବିଦ୍ରୋହୀମାନେ ଏକ ବ୍ୟାପକ ସାମରିକ ଅଭିଯାନ ଚଳାଇଥିବା ଦାବି କରିବା ପରେ ଭାରତ ପକ୍ଷରୁ ଏହି କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ଆକ୍ରମଣ ଯୋଗୁଁ ଅନେକ ସ୍ଥାନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିବା ସହ ପ୍ରାୟ ୭୩ ଜଣ ଆହତ ହୋଇଥିବା ସାଉଦି କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଇରାନ ''ହୋରମୁଜ ପ୍ରଣାଳୀ'' ବନ୍ଦ କରିବା ପରେ ସାଉଦି ଅରବ ତାର ତୈଳ ରପ୍ତାନି ପାଇଁ ଲୋହିତ ସାଗର ଓ ଆଡେନ୍ ଉପସାଗରକୁ ଯୋଡୁଥିବା ବାବ୍-ଏଲ୍-ମାଣ୍ଡେବ୍ ଜଳପଥ ଉପରେ ଅଧିକ ନିର୍ଭରଶୀଳ ହୋଇପଡ଼ିଛି । ଚଳିତ ବର୍ଷ ମାର୍ଚ୍ଚରୁ ଜୁଲାଇ ମଧ୍ୟରେ ଏହି ମାର୍ଗ ଦେଇ ସାଉଦିର ତୈଳ ପରିବହନ ଗତବର୍ଷ ତୁଳନାରେ ୮ ଗୁଣ ବୃଦ୍ଧି ପାଇଛି । ଭାରତ ରୁଷିଆରୁ ଅଧିକ କ୍ରୁଡ୍ ଅଏଲ୍ ଆମଦାନୀ କରୁଥିଲେ ସୁଦ୍ଧା ସାଉଦି ଅରବ ଏବେ ବି ଭାରତର ଶୀର୍ଷ ତିନୋଟି ଶକ୍ତି ଯୋଗାଣକାରୀ ଦେଶ ମଧ୍ୟରେ ରହିଛି । ଏହି ଆକ୍ରମଣକୁ ପାକିସ୍ତାନ ଏବଂ ତୁର୍କୀ ମଧ୍ୟ କଡ଼ା ନିନ୍ଦା କରିଛନ୍ତି ।

# ବାଣିଜ୍ୟ ଯୁଦ୍ଧ :

## କାନାଡାରୁ କ୍ଷୀର ଉତ୍ପାଦ, ମୋଟରସାଇକେଲ ଆମଦାନି ନିଷେଧ କଲା ଆମେରିକା



ୱାସିଂଟନ,୯/୯ : ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ହ୍ୱାଇଟ୍ ହାଉସ୍ କହିଛି ଯେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ବୃଦ୍ଧି ପାଇବା ସହିତ ଆମେରିକା କାନାଡାରୁ କ୍ଷୀର ଉତ୍ପାଦ, ଅଧିକାଂଶ ମଦ୍ୟପାନଯୁକ୍ତ ପାନୀୟ ଏବଂ ମୋଟରସାଇକେଲ ଉପରେ ପ୍ରତିବନ୍ଧକ ଲଗାଉଛି । ଏହି ପ୍ରତିବନ୍ଧକ ତିନି ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ ହେବ । ମଙ୍ଗଳବାର କାନାଡା ୨୦ ବିଲିୟନ ଆମେରିକୀୟ ଡଲାରର ଆମଦାନି ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲଗାଇବା ପରେ ୱାସିଂଟନ ଏଭଳି ନିଷ୍ପତ୍ତି ନେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୀର୍ଘକାଳୀନ ଆମେରିକୀୟ ସରକାରୀ ଚୁକ୍ତିନାମାରୁ କାନାଡିୟ ଉତ୍ପାଦଗୁଡ଼ିକୁ ବନ୍ଦ କରିବାକୁ ପଦକ୍ଷେପ ନେଇଛନ୍ତି । କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଆମେରିକା ଉପରେ ଦେଶର ନିର୍ଭରଶୀଳତା ହ୍ରାସ କରିବା ପାଇଁ ପ୍ରୟାସ କରୁଥିବାବେଳେ ଟ୍ରମ୍ପ ଆମେରିକାର ସାଧାରଣ ସେବା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, କାନାଡା ଆମେରିକୀୟ ଉତ୍ପାଦ ପାଇଁ ପୂର୍ଣ୍ଣ ଏବଂ ନିରପେକ୍ଷ ପାରସ୍ପରିକ କ୍ରିୟା ଅନୁମତି ନଦେବା ପର୍ଯ୍ୟନ୍ତ କାନାଡିୟ ଉତ୍ପାଦଗୁଡ଼ିକୁ ସେହି ଚୁକ୍ତିନାମା ଆଧାରରେ ଅଯୋଗ୍ୟ ଘୋଷଣା କରାଯିବ । କାର୍ନି ପୂର୍ବରୁ କହିଥିଲେ ଯେ କାନାଡାର ରଣନୀତି ଅଧିକ ସ୍ୱତନ୍ତ୍ର ଏବଂ ଏହାକୁ ନିଶ୍ଚିତ କରିବା ପ୍ରସଙ୍ଗରେ କୌଣସି ଦେଶ ଆମକୁ ରୋକିପାରିବ ନାହିଁ । ଆମେ ଯେପରି ବଚିଂବାକୁ ଚାହୁଁ, ସେହିପରି ଭାବେ ବଚିଂପାରିବୁ । କାନାଡାର ୭୦ ପ୍ରତିଶତରୁ ଅଧିକ ରପ୍ତାନି ଏବେ ବି ଆମେରିକାକୁ ଯାଉଛି । ଯାହା ବାଣିଜ୍ୟ ବିବିଧତା ପାଇଁ କାର୍ନିଙ୍କ ପ୍ରୟାସର ପରିମାଣକୁ ସ୍ପଷ୍ଟ କରିଛି । ସେ କହିଛନ୍ତି ,ଅନ୍ୟ ଦେଶଗୁଡ଼ିକୁ କାନାଡାର ରପ୍ତାନି ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଆଗାମୀ ଦଶନ୍ଧି ମଧ୍ୟରେ ଏହା ଦ୍ୱିଗୁଣିତ ହେବାର ଆଶା ରହିଛି ।

# ଇରାନ୍-ଆମେରିକା ମଧ୍ୟରେ ପୁଣି 'ତୈଳ ଯୁଦ୍ଧ'



## ୫ ଅଏଲ୍ ଟ୍ୟାଙ୍କର ଧ୍ୱଂସ, ଧୂଆଁ ଧୂଆଁ ଖାର୍ଗ ଦ୍ୱୀପ

ନୂଆଦିଲ୍ଲୀ,୯/୯ : ପୁଣି ମଧ୍ୟପ୍ରାଚ୍ୟର ଅଶାନ୍ତ ହୋଇଛି । ଦିନେ ଶାନ୍ତ ଥିଲେ, ଆଉ ଗୋଟିଏ ଦିନକୁ ମୁହାଁମୁହିଁ ହେଉଛନ୍ତି ଇରାନ୍-ଆମେରିକା । ଦିନକୁ ଦିନ ତୀବ୍ରତର ହେବାରେ ଲାଗିଛି ଇରାନ୍-ଆମେରିକା ଯୁଦ୍ଧ । ଇରାନର ୫ ଅଶୋଧିତ ତୈଳବାହୀ ଜାହାଜକୁ ଧ୍ୱଂସ କରିଛି ଆମେରିକା । ଖାର୍ଗ ଦ୍ୱୀପ ନିକଟରେ ଆମେରିକା ଘନ ଘନ ମିସାଇଲ ମାଡ଼ କରିଛି । ଆମେରିକୀୟ ଜାହାଜ ଉପରେ ଇରାନ୍ ମିଜାଇଲ୍ ମାଡ଼ର କଡ଼ା ଜବାବ ଦେଇଛି । ଆମେରିକାର ଆକ୍ରମଣ ପରେ ଓଜଏଉର କଡ଼ା ଧମକ ଦେଇଛି । କୁଏତ ଓ ବାହାରିନ୍ ଜାହାଜକୁ ବି ଟାର୍ଗେଟ୍ କରିବ କହିଛି ଓଜଏଉ । ଆମେରିକୀୟ ସେନା ଉପସ୍ଥିତ ଥିବା କୁଏତ ଓ ବାହାରିନ୍ ବନ୍ଦରକୁ ଟାର୍ଗେଟ ଧମକ ବି ଦେଇଛି । ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡ (ସେଟଂକମ୍ ) ଅନୁଯାୟୀ, ଗତ ଦୁଇ ଦିନ ମଧ୍ୟରେ ଇରାନ୍ ଆମେରିକା ନୌସେନାର ଏକ ଜାହାଜ ଉପରକୁ ଦୁଇଥର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି । ଆମେରିକୀୟ ଜାହାଜ ଉଭୟ ଆକ୍ରମଣରୁ ବର୍ତ୍ତିଗଲା । ଏହା ପରେ ମଧ୍ୟ ଜାହାଜଟି ଏହି ଅଂଚଳରେ ନିଜର କାର୍ଯ୍ୟକଳାପ ଜାରି ରଖିଥିଲା । ଏହି ଆକ୍ରମଣରେ କୌଣସି ଆମେରିକୀୟ ସୈନିକ ଆହତ ହୋଇନାହାନ୍ତି । ଆମେରିକା କହିଛି ଯେ, ଉଭୟ ଇରାନ ଆକ୍ରମଣ ବିଫଳ ହୋଇଛି । ଏହା ପରେ ଆମେରିକା ସେନା ଏହାର ଜବାବ ନେଇଥିଲା । ସେଟଂକମ୍ ଅନୁଯାୟୀ, ଓମାନ ଉପସାଗରରେ ଚାରୋଟି ତୈଳ ଟ୍ୟାଙ୍କରକୁ ଟାର୍ଗେଟ କରାଯାଇଥିଲା । ଏଥିମଧ୍ୟରେ ଏମ/ଟି କାଭିଜ, ଏମ/ଟି ଚାର୍ମିନାର, ଏମ/ଟି ହୋରାଇଜନ ୧ ଏବଂ ଏମ/ଟି ରିସ୍କୋ ସାମିଲ । ୫ମ ଟ୍ୟାଙ୍କର ମେ/ଟି ଡେରିଆ ଇରାନର ଖର୍ଗ ଦ୍ୱୀପ ନିକଟରେ ଥିଲା । ଆମେରିକା ସେନା ଅନୁଯାୟୀ, ଜାହାଜର କର୍ମଚାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ବାହାରକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ଆସୁଛି ପଛକୁ ପଛ ଦୁଇ ଲଘୁଚାପ

ଭୁବନେଶ୍ୱର,୯/୯(ନି/ପ୍ର) : ଆସନ୍ତା ୨୦ତାରିଖ ମଧ୍ୟରେ ଆଗପଛ ହୋଇ ବଙ୍ଗୋପସାଗରରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ଭଲ ବର୍ଷା ହୋଇପାରେ ବୋଲି ପାଣିପାଗ ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି । ଭାରତୀୟ ପାଣିପାଗ ବିଭାଗ ମଙ୍ଗଳବାର ସ୍ପଷ୍ଟ କରିଛି ଯେ ଆସନ୍ତା ୧୧ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଉତ୍ତର ଓଡ଼ିଶାର କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ । ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଉତର ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଂଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୧୧ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ-ଉତର ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତର ଆନ୍ଧ୍ରପ୍ରଦେଶ, ଦକ୍ଷିଣ ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।

# ରୁଷରେ ହିମସ୍ଖଳନ

## ୧୨ ପର୍ବତାରୋହୀ ମୃତ, ୬ ନିଖୋଜ

ମସ୍କୋ,୯/୯ : ରୁଷର ଉତର କାକେସସ୍ ଅଚଂଳରେ ଥିବା ମାଉଟଂ ମିଜହିରଗିରେ ରବିବାର ସନ୍ଧ୍ୟାରେ ହିମସ୍ଖଳନ ହୋଇଥିଲା । ଏଥିରେ ୧୧ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ହୋଇଛି । ୬ ଜଣ ନିଖୋଜ ଅଛନ୍ତି । ସେମାନଙ୍କୁ ଉଦ୍ଧାର କରିବା ପାଇଁ ୫୦ରୁ ଅଧିକ ସୁରକ୍ଷାକର୍ମୀ ପ୍ରୟାସ ଜାରି ରଖିଛନ୍ତି । ସୂଚନା ଅନୁଯାୟୀ, ୩୩ ପର୍ବତାରୋହୀଙ୍କ ଏକ ଗୋଷ୍ଠୀ ପାହାଡ଼ରେ ଚଢୁଥିଲେ । ଏହି ସମୟରେ ଅଚାନକ ହିମସ୍ଖଳନ ହୋଇ ତାଙ୍କ ଉପରେ ଆସି ପଡ଼ିଥିଲା । ଏହା ଫଳରେ ଅନେକ ପର୍ବତାରୋହୀ ବରଫ ତଳେ ଦବି ଯାଇଥିଲେ । ୧୦ ଜଣ ଯେ କୌଣସି ପ୍ରକାରରେ ଜୀବନ ବଚାଂଇ ତଳକୁ ଆସିବାକୁ ସକ୍ଷମ ହୋଇଥିଲେ । ପରେ ଅନ୍ୟମାନଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା ।



# ଦିଲ୍ଲୀ ପରେ ତତ୍ପର ରାଜ୍ୟ ସରକାର :

## ଭଙ୍ଗାଯିବ ବିପଦସଂକୁଳ କୋଠା, ୧୫ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୯/୯(ନି/ପ୍ର) : ଦିଲ୍ଲୀ ଅଘଟଣ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି । ଏକ ବିପଦପୂର୍ଣ୍ଣ କୋଠା ଭୁଶୁଡ଼ି ଏକାଧିକଙ୍କ ମୃତ୍ୟୁ ହେବା ଏବଂ ଅନେକ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଓଡ଼ିଶା ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି । ରାଜ୍ୟର ବିଭିନ୍ନ ସହରାଂଚଳରେ ଯେଉଁ ସବୁ ସରକାରୀ ଓ ବେସରକାରୀ କୋଠା ବିପଦପୂର୍ଣ୍ଣ ରହିଛି, ତାକୁ ଭାଙ୍ଗିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏ ଉପରେ ସମୀକ୍ଷା ବୈଠକ କରିବା ସହ ସବୁ ଅସୁରକ୍ଷିତ କୋଠାକୁ ତୁରନ୍ତ ଚିହ୍ନଟ ଓ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୧୫ ଦିନ ଭିତରେ ଏଭଳି ବିପଦପୂର୍ଣ୍ଣ କୋଠା ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ମନ୍ତ୍ରୀ ଶ୍ରୀ ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି, ପୂର୍ବରୁ ବି ଯେତେସବୁ ବିପଦପୂର୍ଣ୍ଣ ସରକାରୀ କୋଠା ଥିଲା, ତା'ର ଆକଳନ କରାଯାଇଥିଲା । ଏସବୁ କୋଠାକୁ ବି ନୋଟିସ୍ କରାଯାଇଥିଲା । ଦିଲ୍ଲୀ ଅଘଟଣ ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତକାଲି ଏ ସଂପର୍କରେ ସମୀକ୍ଷା କରାଯାଇଥିଲା । ସାରା ରାଜ୍ୟରେ ଯେଉଁଠି ବି ଏଭଳି ବିପଦପୂର୍ଣ୍ଣ କୋଠା ରହିଛି, ଖୁବ୍‌ଶୀଘ୍ର ଚିହ୍ନଟ କରି ନୋଟିସ୍ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ କୋଠା ଆମ ବିଭାଗ ଅଧୀନରେ ରହିଛି, ସେ କୋଠାକୁ ଆମେ ଭାଙ୍ଗିବୁ । ଅନ୍ୟ ବିଭାଗ ଅଧୀନରେ ଥିବା କୋଠା ଭାଙ୍ଗିବାକୁ ସଂପୃକ୍ତ ବିଭାଗକୁ କୁହାଯିବ । ବିପଦସଂକୁଳ କୋଠା ଯାଚଂ ପାଇଁ ଏକ ଉଚ୍ଚସ୍ତରୀୟ ଯାଚଂ କମିଟି ଗଠନ କରାଯାଇଛି । କମିଟି ସେଭଳି କୋଠା ସଂପର୍କରେ ୧୫ଦିନ ଭିତରେ ଯାଚଂ କରି ରିପୋର୍ଟ ଦେବ । ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ । କେବଳ ସରକାରୀ ନୁହେଁ, ବେସରକାରୀ କୋଠାକୁ ବି ଯାଚଂ ପରିସରଭୁକ୍ତ କରାଯାଇଛି । ମନ୍ତ୍ରୀ କହିଛନ୍ତି, ସହରାଂଚଳରେ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି । ଅସୁରକ୍ଷିତ କୋଠା ଚିହ୍ନଟ କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି । ଦୁର୍ବଳ ତଥା ବିପଦଜ୍ଜନକ ଅବସ୍ଥାରେ ଥିବା କୋଠା ଚିହ୍ନଟ ପରେ ସମ୍ପୃକ୍ତ ମାଲିକଙ୍କୁ ନୋଟିସ୍ ଦିଆଯିବ ଓ ଆବଶ୍ୟକସ୍ଥଳେ କୋଠା ଭଙ୍ଗାଯିବ । ବିଶେଷକରି କଟକ ଓ ପୁରୀ ଭଳି ପୁରୁଣା ସହରରେ ଏହି ଯାଚଂ ପ୍ରକ୍ରିୟାକୁ ଜୋରଦାର କରାଯିବ । ଅମାନିଆଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀ ନିଲମ୍ବିତ

ଭୁବନେଶ୍ୱର, ୯/୯(ନି/ପ୍ର) : ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀ ଦୁର୍ଗା ଛୁରିଆ ସସ୍‌ପେଣ୍ଡ ହୋଇଛନ୍ତି । ସେ କନ୍ଧମାଳ ଡିଆରସସିଏସ୍ ରେ ଏସଆରସିଏସ୍ ଭାବେ କାର୍ଯ୍ୟ କରୁଥିଲେ । ଏଥିସହ ଭୁବନେଶ୍ୱର ସମବାୟ ମୁଖ୍ୟାଳୟରେ ଏସଆରସିଏସ୍ କାର୍ଯ୍ୟ କରୁଥିଲେ । ରାଜନୈତିକ ସମ୍ପୃକ୍ତି ନେଇ ଅଭିଯୋଗ ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

# ସାଉଦି ଆରବ ଉପରେ ଆକ୍ରମଣ କଲେ ମକ୍କା ଚୁକ୍ତି ଲାଗୁ ହେବ :

## ୟେମେନର ହୁତି ବିଦ୍ରୋହୀଙ୍କୁ ଧମକ ଦେଲେ ପାକିସ୍ତାନୀ ପ୍ରତିରକ୍ଷା ମନ୍ତ୍ରୀ



ଇସଲାମାବାଦ,୯/୯ :ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ୟେମେନର ହୁତି ବିଦ୍ରୋହୀମାନଙ୍କୁ ସାଉଦି ଆରବ ବିରୋଧରେ ଆକ୍ରମଣ ନକରିବାକୁ ଚେତାବନୀ ଦେଇଛନ୍ତି । ମକ୍କା ଚୁକ୍ତି ବିଷୟରେ ଉଲ୍ଲେଖ କରି ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ କହିଛନ୍ତି ଯେ, ଚୁକ୍ତିରେ ସାମିଲ ଥିବା ଯେକୌଣସି ଗୋଟିଏ ଦେଶ ଉପରେ ଆକ୍ରମଣକୁ ସମସ୍ତଙ୍କ ବିରୋଧରେ ଆକ୍ରମଣ ବୋଲି ବିବେଚନା କରାଯିବ । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀଙ୍କ ଚେତାବନୀ ଏପରି ଏକ ସମୟରେ ଆସିଛି ଯେତେବେଳେ ୟେମେନର ହୁତି ବିଦ୍ରୋହୀ ଏବଂ ସାଉଦି ଆରବ ମଧ୍ୟରେ ଖୋଲା ଯୁଦ୍ଧର ଆଶଙ୍କା ଘନେଇବାରେ ଲାଗିଛି । ପାକିସ୍ତାନୀ ବ୍ରୋଡକାଷ୍ଟର ଦୁନିଆ ନ୍ୟୁଜ୍‌ରେ ଶାହଜେବଙ୍କ ସହିତ ଏକ ସାକ୍ଷାତକାରରେ ଆସିଫ ଏହା କହିଛନ୍ତି । ସାକ୍ଷାତକାରରେ, ସାଉଦି ଆରବ ବିରୋଧରେ ୟେମେନର ଆକ୍ରମଣ ଏବଂ ମକ୍କା ଚୁକ୍ତି ଅନୁଯାୟୀ ପାକିସ୍ତାନର ପ୍ରତିକ୍ରିୟା ବିଷୟରେ ପଚରାଯିବାରୁ, ସେ କହିଛନ୍ତି, ଯେ ଯେକୌଣସି ଗୋଟିଏ ଦେଶ ଉପରେ ଆକ୍ରମଣକୁ ସମସ୍ତ ତିନୋଟି ଦେଶ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ । ମକ୍କା ଚୁକ୍ତିନାମା ଉପରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ସ୍ପଷ୍ଟ । ଏଥିରେ କୌଣସି ଅସ୍ପଷ୍ଟତା ନାହିଁ । ଏହା ଏକ ମିଳିତ ପ୍ରତିରକ୍ଷା ଚୁକ୍ତିନାମା ଏବଂ ଏନେଇ କୌଣସି ସ୍ପଷ୍ଟୀକରଣର ଆବଶ୍ୟକତା ନାହିଁ । ଗତ ଅଗଷ୍ଟରେ ସାଉଦି ଆରବ, ପାକିସ୍ତାନ ଏବଂ ତୁର୍କୀ ମକ୍କାରେ ଏକ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର କରିଥିଲେ, ଯାହାକୁ ମକ୍କା ଚୁକ୍ତିନାମା କୁହାଯାଉଛି । ଏହି ଚୁକ୍ତିନାମାକୁ ଇସଲାମିକ୍ ବିଶ୍ୱର ନାଟୋ ଭାବରେ ଦେଖାଯାଉଛି । ଏହି ଚୁକ୍ତିନାମାରେ ଏକ ନାଟୋ ଭଳି ନିୟମ ଅନ୍ତର୍ଭୁକ୍ତ କରାଯାଇଛି ଯେଉଁଥିରେ କୁହାଯାଇଛି ଯେ ଗୋଟିଏ ଦେଶ ବିରୋଧରେ ଆକ୍ରମଣକୁ ସମସ୍ତ ଅଂଶଗ୍ରହଣକାରୀ ଦେଶ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ । ପାକିସ୍ତାନ, ତୁର୍କୀ ଏବଂ ସାଉଦି ଆରବ ଏହି ଚୁକ୍ତିନାମାରେ ଅନ୍ୟ ମୁସଲିମ ଦେଶଗୁଡ଼ିକୁ ସାମିଲ କରିବାକୁ ଚେଷ୍ଟା କରୁଛନ୍ତି । ବାଂଲାଦେଶ ଏଥିରେ ସାମିଲ ହେବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିଛି ।




**କେନ୍ଦୁଝର ସମାଚାର**

**A.R. KHAN**

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


# ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

## ୨୫୧ଟି ଆବେଦନ ପଞ୍ଜିକୃତ, ୫୮ଟିର ସଦ୍ୟ ସମାଧାନ



କେନ୍ଦୁଝର,୯/୯(ନି/ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ଆଜିର ଏହି ଶିବିରରେ ମୋଟ ୨୫୧ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା । ଏଥିମଧ୍ୟରୁ ୨୧୨ଟି ବ୍ୟକ୍ତିଗତ ସମସ୍ୟା, ୩୯ଟି ସାମୁହିକ ଅଭିଯୋଗ ଏବଂ ରେଡ଼କ୍ରସ ସହାୟତା ପାଇଁ ୦୭ଟି ଆବେଦନ ଗ୍ରହଣ କରାଯାଇଥିଲା । ଗ୍ରହଣ କରାଯାଇଥିବା ଆବେଦନଗୁଡ଼ିକ ମଧ୍ୟରୁ ୫୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏହି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ହନୁମନ୍ତ ଧାମଧେରେ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ । ସୂଚନାଯୋଗ୍ୟ ଯେ, ଜିଲ୍ଲା ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ଅଭିଯୋଗ ଶୁଣାଣୀଗୁଡ଼ିକ ବିଭିନ୍ନ ପଂଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଆସନ୍ତା ୨୧ ସେପ୍ଟେମ୍ବର(ସୋମବାର) ଯୋଡ଼ା ପଂଚାୟତ ସମିତି କାର୍ଯ୍ୟାଳୟ ଏବଂ ୨୮ ସେପ୍ଟେମ୍ବର(ସୋମବାର) ସାହାରପଡ଼ା ପଂଚାୟତ ସମିତି କାର୍ଯ୍ୟାଳୟ ଠାରେ ଏହି ଅଭିଯୋଗ ଶୁଣାଣୀ ଶିବିର ଆୟୋଜିତ ହେବ ।

## କେନ୍ଦୁଝରର ଦିବଂଗତ ସାମ୍ବାଦିକଙ୍କ ନିଷ୍ଠାପର ସେବାକୁ ରାଜ୍ୟ ସରକାରଙ୍କ ସମ୍ମାନ



କେନ୍ଦୁଝର,୯/୯(ନି/ପ୍ର): ସମାଜର ଆଖି ଓ କାନ ସାଜି ଜନସାଧାରଣଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଚାଂଉଥିବା ସାମ୍ବାଦିକମାନଙ୍କ ନିଷ୍ଠାପର ସେବାକୁ ଓଡ଼ିଶା ସରକାର ଉଚ୍ଚ ମାନ୍ୟତା ଦେଇଛନ୍ତି । ପ୍ରତିକୂଳ ପରିସ୍ଥିତି ମଧ୍ୟରେ କାର୍ଯ୍ୟ କରି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ସୁଦୃଢ଼ କରୁଥିବା ସାମ୍ବାଦିକମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ରାଜ୍ୟରେ ଏକ ସମର୍ପିତ ବ୍ୟବସ୍ଥା ରହିଆସିଛି । ଏହି କ୍ରମରେ କେନ୍ଦୁଝର ଜିଲ୍ଲାର ଦୁଇ ଦିବଂଗତ ସାମ୍ବାଦିକଙ୍କ ପରିବାରବର୍ଗଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ (ଏକ୍ସ-ଗ୍ରାସିଆ) ସହାୟତା ରାଶି ପ୍ରଦାନ କରିବା ପାଇଁ ସରକାର ନିଷ୍ପତି ନେଇଛନ୍ତି, ଯାହା ସେମାନଙ୍କ ତ୍ୟାଗ ପ୍ରତି ଏକ ମର୍ଯ୍ୟାଦାଜନକ ସ୍ୱୀକୃତି । କେନ୍ଦୁଝର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ବିଭୂତି ଭୂଷଣ ପଟ୍ଟନାୟକ (୭୧) ଦୀର୍ଘ ବର୍ଷ ଧରି 'ହିନ୍ଦୁସ୍ଥାନ ସମାଚାର' ମାଧ୍ୟମରେ ନିରପେକ୍ଷ ଖବର ପରିବେଷଣ କରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଥିଲେ । ୫ ଜୁନ୍ ୨୦୨୫ରେ ତାଙ୍କର ପରଲୋକ ଘଟିଥିବା ବେଳେ ତାଙ୍କର ଏହି ଅତୁଳନୀୟ ବୃତ୍ତିଗତ ସେବା ପାଇଁ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଛନ୍ଦା ପଟ୍ଟନାୟକଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା, ଘଟଗାଁ ପଣ୍ଡାପଡାର ସ୍ୱର୍ଗତ ନିରଞ୍ଜନ ମହାନ୍ତ (୪୯) 'ସମାଜ' ଖବରକାଗଜ ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ଉତ୍ଥାପନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ୧୧ ମଇ ୨୦୨୪ରେ ତାଙ୍କର ଅକାଳ ବିୟୋଗ ପରେ, ପାଠ ପଢୁଥିବା ଦୁଇ ପିଲାଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ବିଦ୍ୟୁତ୍‌ଲତା ମହାନ୍ତଙ୍କ ପାଇଁ ମଧ୍ୟ ୪ ଲକ୍ଷ ଟଙ୍କାର ସହାୟତା ରାଶି ମଞ୍ଜୁର କରାଯାଇଛି ।ରାଜ୍ୟ ସରକାର ସାମ୍ବାଦିକମାନଙ୍କ କାର୍ଯ୍ୟକାଳ ମଧ୍ୟରେ ମଧ୍ୟ ସୁରକ୍ଷା ନିଶ୍ଚିତ କରିବା ପାଇଁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' ମାଧ୍ୟମରେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରୁଛନ୍ତି । କାର୍ଯ୍ୟରତ ସମୟରେ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ପ୍ରାଣହାନି ପରେ ପରିବାରକୁ ସହଯୋଗର ଏହି ନୀତି ପ୍ରମାଣିତ କରେ ଯେ ସମାଜ ଓ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରୁଥିବା ସାମ୍ବାଦିକମାନଙ୍କ ଅବଦାନକୁ ସରକାର ସଦାସର୍ବଦା ଉଚ୍ଚ ସମ୍ମାନର ସହ ସ୍ମରଣ ରଖିଛନ୍ତି ।

## ଭଉଣୀ ହତ୍ୟାକାରୀ ଭାଇକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କଲେ ଜିଲ୍ଲା ଦୌରା ଜଜ୍

କେନ୍ଦୁଝର, ୯/୯(ନି/ପ୍ର): ଭଉଣୀ ହତ୍ୟାକାରୀ ଭାଇକୁ ଆଜୀବନ କାରାଦଣ୍ଡ ସହ ଦଶ ହଜାର ଟଙ୍କା ଜୋରିମାନା ଅନାଦେୟ ଏକ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶରେ ଦଣ୍ଡିତ କଲେ ଜିଲ୍ଲା ଦୌରା ଜଜ୍ । ଏହାସହ ଆର୍ମସ ଆକଟ ଅନୁସାରେ ଅତିରିକ୍ତ ପାଂଚବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଲେ ଦଣ୍ଡିତ କଲେ ଜିଲ୍ଲା ଦୌରା ଜଜ୍ । ପ୍ରକାଶ ଯେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ସୋମଗିରି ଗ୍ରାମର ପ୍ରସନ୍ନ ବାରିକ ତାଙ୍କ ଭଉଣୀକୁ ଘରୋଇ କଳି ନେଇ ନିଜ ଭଉଣୀ ମାଳତୀ ବାରିକଙ୍କୁ ନିଜ ସର୍ଭିସ ବନ୍ଧୁକରେ ଗୁଳିକରି ହତ୍ୟା କରିଥିଲେ । ଏନେଇ ପଣ୍ଡାପଡ଼ା ଥାନାରେ ୧୪୩/୨୦୨୩ କେସ୍ ନମ୍ବରରେ ଏକ ମାମଲା ରୁଜୁକରି ୩୦୨ ଓ ୨୫ ଆର୍ମସ ଆକଟ ଅନୁସାରେ ଦଣ୍ଡାଦେଶ ଶୁଣାଇଛନ୍ତି ଜିଲ୍ଲା ଦୌରା ଜଜ୍ । ୧୪ ଜଣ ସାକ୍ଷୀ ଆଧାରରେ ଏହି ଶୁଣାଣୀ ହୋଇଥିବାବେଳେ ଏହାକୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ ପରିଚାଳନା କରିଥିଲେ ।

## ଜିଲ୍ଲାର ଯୋଗ୍ୟ ଯୁବକମାନଙ୍କୁ ବିକଶିତ ଭାରତ କୁଇଜ୍‌ରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ ପାଇଁ ସୁଯୋଗ

କେନ୍ଦୁଝର,୯/୯(ନି/ପ୍ର): ଦେଶର ଯୁବପିଢିଙ୍କ ମଧ୍ୟରେ ସୃଜନଶିଳତା ଓ ଦେଶ ଗଠନ ପ୍ରତି ଦାୟିତ୍ୱ ବୋଧକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ ୨୦୨୭ ଆୟୋଜିତ ହେବ । କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନରେ ମାଇଁ ଭାରତ ଏହି କାର୍ଯ୍ୟକ୍ରମର ସଂସ୍ଥା ଭାବେ କାର୍ଯ୍ୟ କରୁଛି । ବିକଶିତ ଭାରତ ଚ୍ୟାଲେଞ୍ଜ ଟ୍ରାକର ପ୍ରଥମ ପର୍ଯ୍ୟାୟ ଭାବେ ବିକଶିତ ଭାରତ କୁଇଜ ଆୟୋଜିତ ହେବ । ଏହା ଏକ ଜାତୀୟ ସ୍ତରର ଅନଲାଇନ କୁଇଜ, ଯାହା ମାଇଁ ଭାରତ ପୋର୍ଟାଲ ମାଧ୍ୟମରେ ବିଭିନ୍ନ ଭାଷାରେ ଆୟୋଜିତ ହେବ । ଯୋଗ୍ୟ ଯୁବକମାନେ ଏଥିରେ ଅଂଶଗ୍ରହଣ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଯିବେ । ବର୍ତ୍ତମାନ ବିକଶିତ ଭାରତ କୁଇଜ ଅଗଷ୍ଟ ୧୭ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ, ଏ ନେଇ ଆଜି କେନ୍ଦୁଝର ନେହେରୁ ଯୁବ କେନ୍ଦ୍ର ଠାରେ ଏକ ପ୍ରେସ୍ ମିଟ୍ କରାଯାଇଥିଲା ।

## ପ୍ରାଦେଶିକ ଗଣିତ ମେଳା ଉଦ୍‌ଯାପିତ

ଜୟପୁର,୯/୯(ନି/ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ତିନିଦିନ ଧରି ଚାଲିଥିବା ପ୍ରାଦେଶିକ ଗଣିତ ମେଳା ଉଦଯାପିତ ହୋଇଯାଇଛି । ଏହାର ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ ଯଦୁମଣି ନାୟକ, ଉପଜିଲ୍ଲାପାଳ ତଥା ଉପଖଣ୍ଡ ଦଣ୍ଡାଧିକାରୀ, ଜୟପୁର । ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଚନ୍ଦନ କୁମାର ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜୟପୁର, ମୁଖ୍ୟ ବକ୍ତା ଭାବେ ସରୋଜ କୁମାର ହାତୀ, ସଂପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା, ଏବଂ ଅଧ୍ୟକ୍ଷ ରୂପେ ଡ. ଚିତ ରଞ୍ଜନ ମିଶ୍ର, ସଭାପତି, ଶିକ୍ଷା ବିକାଶ ସମିତି, ଦକ୍ଷିଣ ସମ୍ଭାଗ, ଜୟପୁର ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଶିଶୁଙ୍କୁ ଗଣିତ ଶିକ୍ଷାର ମହତ୍ୱ ଏବଂ ଏହାକୁ ବ୍ୟବହାରିକ କାର୍ଯ୍ୟରେ ପ୍ରୟୋଗ କରିବାର ଆବଶ୍ୟକତା ବିଷୟରେ ଶିଶୁଙ୍କୁ ନିଜର ବକ୍ତବ୍ୟ ମାଧ୍ୟମରେ ଅବଗତ କରାଇଥିଲେ । ଏହି ପ୍ରାଦେଶିକ ସ୍ତରୀୟ ଗଣିତ ମେଳାରେ ସର୍ବମୋଟ୍ ୧୪୦ ଶିଶୁ ଏବଂ ୬୭ ଜଣ ଗୁରୁଜୀ ଗୁରୁମା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ମେଳାର ଦ୍ୱିତୀୟ ଦିନରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯେପରିକି – ଗଣିତ ପ୍ରକଳ୍ପ ପ୍ରଦର୍ଶନ, ଗଣିତ ପ୍ରଶ୍ନମଂଚ, ଗଣିତ ପତ୍ରବାଚନ, ଗଣିତ ପ୍ରୟୋଗ ଏବଂ ଗୁରୁଜୀ ଗୁରୁମାଙ୍କ ସକାଶେ ଆଚାର୍ଯ୍ୟ ପତ୍ରବାଚନ ଅନୁଷ୍ଠିତ କରାଯାଇଥିଲା । ପ୍ରତିଯୋଗିତାକୁ ପରିଚାଳନା କରିବା ସହ ଏଗୁଡ଼ିକର ମୂଲ୍ୟାୟନ କରିବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନର ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଧ୍ୟାପକ ଯୋଗଦେଇଥିଲେ । ଦ୍ୱିତୀୟ ଦିନରେ ସନ୍ଧ୍ୟା ସମୟରେ ଜୟପୁର ସଦର ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ଉପସ୍ଥିତ ରହି ଦ୍ୱୀପ ପ୍ରଜ୍ୱଳନ ପୂର୍ବକ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଦ୍ୱିତୀୟ ଦିନରେ ସମସ୍ତ ପ୍ରତିଯୋଗିତାର ସମାପନ ଘଟିଥିଲା ।

# କେନ୍ଦୁଝରରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ




କେନ୍ଦୁଝର,୯/୯(ନି/ପ୍ର): ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲାସ୍ତରୀୟ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଆଜି ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝରଠାରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି । ସମାଜର ପ୍ରତ୍ୟେକ ନାଗରିକଙ୍କୁ ସାକ୍ଷର କରିବା ଏବଂ "ସମସ୍ତଙ୍କ ପାଇଁ ଶିକ୍ଷା"ର ମହତ୍ୱପୂର୍ଣ୍ଣ ବାର୍ତ୍ତାକୁ ଘରେ ଘରେ ପହଚାଂଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମର ଶୁଭାରମ୍ଭରେ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଏକ ବିଶାଳ ସାକ୍ଷରତା ସଚେତନତା ରାଲି ବାହାରିଥିଲା । ରାଲିରେ ସ୍ୱତନ୍ତ୍ର ପ୍ରଚାର ଯାନ ସହିତ ମାଇକ୍ ମାଧ୍ୟମରେ ସାକ୍ଷରତା ସମ୍ପର୍କିତ ସଚେତନତା ବାର୍ତ୍ତା, ପ୍ରେରଣାଦାୟକ ଗୀତ ଓ ସ୍ଲୋଗାନ ପ୍ରଚାର କରାଯାଇଥିଲା । ରାଲି ମାଧ୍ୟମରେ ନିରକ୍ଷରତା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ସାକ୍ଷରତାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଆହ୍ୱାନ କରାଯାଇଥିଲା । ରାଲି ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାରିହାଙ୍କ ସଭାପତିତ୍ୱରେ ଏକ ଜିଲ୍ଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ସମୟରେ ମଚାଂସୀନ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ପ୍ରତିଷ୍ଠା), ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଯୋଜନା) ଏବଂ ବ୍ଲକ ଶିକ୍ଷା ଅଧିକାରୀ (ସଦର) ନିଜ ନିଜ ଅଭିଭାଷଣ ମାଧ୍ୟମରେ ଉଦ୍ଦେଶ୍ୟ, ପ୍ରାପ୍ତି ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ସାକ୍ଷରତାକୁ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ଭାବେ ନ ଦେଖି ଏହାକୁ ଏକ ସାମାଜିକ ଦାୟିତ୍ୱ ଓ ଜନଆନ୍ଦୋଳନ ଭାବେ ଗ୍ରହଣ କରିବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇ ସାକ୍ଷରତାର ଆଲୋକକୁ ସମାଜର ଶେଷ ସ୍ତରର ବ୍ୟକ୍ତି ପର୍ଯ୍ୟନ୍ତ ପହଚାଂଇବା ଏବଂ ଏହି ଅଭିଯାନକୁ ଏକ ସଶକ୍ତ ଜନଆନ୍ଦୋଳନରେ ପରିଣତ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ପରିଗଣିତ ହୋଇଛି ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ 'ପ୍ରିନ୍ସିପାଲ୍ସ ମିଟ୍' ଅନୁଷ୍ଠିତ

ଜୟପୁର,୯/୯(ନି/ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ପରିସରସ୍ଥ ଲେକ୍ଚରର ଥିଏଟର ଏଲ ୨ ଠାରେ ଆଜି 'ପ୍ରିନ୍ସିପାଲ୍ସ ମିଟ୍' ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ, ନୂତନ ଶିକ୍ଷାନୀତିର କାର୍ଯ୍ୟକାରୀ ରୂପାୟଣ ଏବଂ ମହାବିଦ୍ୟାଳୟଗୁଡ଼ିକର ବିଭିନ୍ନ ଶୈକ୍ଷିକ ଓ ପ୍ରଶାସନିକ ସମସ୍ୟା ଉପରେ ଆଲୋଚନା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ପଞ୍ଜୀକରଣ ହୋଇଥିଲା ।ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପରେ ଅଂଶଗ୍ରହଣକାରୀମାନଙ୍କର ଆତ୍ମପରିଚୟ ପର୍ବ ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି 'ଜାତୀୟ ଶିକ୍ଷା ନୀତି ଏନ ଇ ପି : ମୁଖ୍ୟ ବିଶେଷତା ଓ କାର୍ଯ୍ୟାନ୍ୱୟନ' ବିଷୟରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଏହାପରେ ଏମଓୟୁ ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା । ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ପରିସରରେ ଆଜି ଆୟୋଜିତ ପ୍ରିନ୍ସିପାଲ୍ସ ମିଟ୍ ଅବସରରେ ଶିକ୍ଷା, ଗବେଷଣା, ଶିଳ୍ପ ସହଯୋଗ ଓ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନାଲକୋ, ଦାମନଯୋଡ଼ି ଏବଂ ଜେ.କେ. ପେପର ମିଲ୍ସ ସହିତ ବିଶ୍ୱବିଦ୍ୟାଳୟର ସ୍ୱାକ୍ଷର କରାଯାଇଛି । ଏହି ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଓ ଶିଳ୍ପ ପ୍ରତିଷ୍ଠାନ ମଧ୍ୟରେ ଏକ ସୁଦୃଢ଼ ସହଯୋଗୀ ସମ୍ପର୍କ ସ୍ଥାପିତ ହେବ । ଏହା ଅଧୀନରେ ଛାତ୍ରଛାତ୍ରୀଙ୍କ ପାଇଁ ଇଂଟର୍ନସିପ୍, ଶିଳ୍ପ ପରିଦର୍ଶନ, ପ୍ରଶିକ୍ଷଣ, କୌଶଳ ବିକାଶ, ପ୍ରାୟୋଗିକ ଜ୍ଞାନ ଓ ଗବେଷଣାମୂଳକ କାର୍ଯ୍ୟକ୍ରମ ଆୟୋଜନର ସୁଯୋଗ ସୃଷ୍ଟି ହେବ । ଏହା ସହିତ ଶିଳ୍ପ କ୍ଷେତ୍ରର ଅଭିଜ୍ଞ ବିଶେଷଜ୍ଞମାନଙ୍କ ଦ୍ୱାରା ଅତିଥି ବ୍ୟାଖ୍ୟାନ, ଆଲୋଚନାଚକ୍ର ଓ ବିଭିନ୍ନ ଦକ୍ଷତା ବିକାଶମୂଳକ କାର୍ଯ୍ୟକ୍ରମ କରାଯାଇପାରିବ । ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ହୃଷୀକେଶ ସେନାପତି ଏହି ଶିଳ୍ପ-ଶିକ୍ଷା ସହଯୋଗକୁ ସ୍ୱାଗତ କରି କହିଥିଲେ ଯେ, ଉଚ୍ଚଶିକ୍ଷାକୁ ଶିଳ୍ପ ଓ ସମାଜର ଆବଶ୍ୟକତା ସହିତ ଯୋଡ଼ିବା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ଚାକିରି ଓ ଗବେଷଣା କ୍ଷେତ୍ର ପାଇଁ ଅଧିକ ପ୍ରସ୍ତୁତ କରାଯାଇପାରିବ । ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ନାଏକଙ୍କ ସ୍ୱାଗତ ଅଭିଭାଷଣ ପରେ ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅଧିକାରୀ, ଅଧ୍ୟାପକ-ଅଧ୍ୟାପିକା ଓ ପ୍ରିନ୍ସିପାଲମାନେ ଉପସ୍ଥିତ ଥିଲେ ।ଏହି ବିକ୍ରମ ଦେବ ବିଶ୍ୱବିଦ୍ୟାଳୟକୁ ଶିକ୍ଷା, ଶିଳ୍ପ, ଗବେଷଣା ଓ ସମାଜ ମଧ୍ୟରେ ସମନ୍ୱୟ ସ୍ଥାପନ କରିବାରେ ଏକ ନୂତନ ଦିଗ ଦେବ ବୋଲି ଆଶା ପ୍ରକାଶ କରାଯାଇଛି । ସ୍ମାରକ ବୁଝାମଣାପତ୍ର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ନାଲକୋ, ଦାମନଯୋଡ଼ି ଓ ଜେ.କେ. ପେପର ମିଲସ ସ୍ମାରକ ବୁଝାମଣାପତ୍ର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର ଏବଂ ନାଲକୋ, ଦାମନଯୋଡ଼ି / ଜେ.କେ. ପେପର ମିଲ ମଧ୍ୟରେ ଶିକ୍ଷା, ପ୍ରଶିକ୍ଷଣ, ଗବେଷଣା ଓ ଶିଳ୍ପ ସହଯୋଗକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ସ୍ଥାପିତ ହେଉଛି । ପ୍ରମୁଖ ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଇଟର୍ଂନସିପ୍ ଓ ଶିଳ୍ପ ପ୍ରଶିକ୍ଷଣର ସୁଯୋଗ ସୃଷ୍ଟି କରିବା । ଶିଳ୍ପ ପ୍ରତିଷ୍ଠାନ ପରିଦର୍ଶନ ଓ ପ୍ରାୟୋଗିକ ଅଭିଜ୍ଞତା ପ୍ରଦାନ କରିବା । ଛାତ୍ରଛାତ୍ରୀଙ୍କ କୌଶଳ ଓ ରୋଜଗାର ଯୋଗ୍ୟତା ବୃଦ୍ଧି କରିବା । ଯୁଗ୍ମ ଭାବରେ ଗବେଷଣା, ପ୍ରକଳ୍ପ ଓ ଅଧ୍ୟୟନ କାର୍ଯ୍ୟକ୍ରମ ହାତକୁ ନେବା । ଶିଳ୍ପ ବିଶେଷଜ୍ଞଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରିବା । ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଗବେଷକମାନଙ୍କ ସହ ଶିଳ୍ପ ପ୍ରତିଷ୍ଠାନର ବିଶେଷଜ୍ଞଙ୍କ ମଧ୍ୟରେ ଜ୍ଞାନ ବିନିମୟ କରିବା । ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ପରସ୍ପର ସହଯୋଗ କରିବା । ଉଭୟ ପକ୍ଷ ପରସ୍ପର ସମ୍ମତିକ୍ରମେ ଶିକ୍ଷା, ଗବେଷଣା, ଦକ୍ଷତା ବିକାଶ, ଇଟର୍ଂନସିପ୍, ପ୍ରଶିକ୍ଷଣ, ସେମିନାର, କର୍ମଶାଳା ଏବଂ ସାମାଜିକ ଦାୟିତ୍ୱମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବେ । ମୂଳ ଲକ୍ଷ୍ୟ ହେଉଛି— "ଶିକ୍ଷାକୁ ଶିଳ୍ପ ସହିତ ଯୋଡ଼ି ଛାତ୍ରଛାତ୍ରୀଙ୍କୁ ଜ୍ଞାନ, ଦକ୍ଷତା ଓ ପ୍ରାୟୋଗିକ ଅଭିଜ୍ଞତାରେ ସମୃଦ୍ଧ କରିବା ।" ବୈଠକରେ ସିଡିସି ନିର୍ଦ୍ଦେଶକ ମହେଶ୍ୱର ଦୁରିଆ ମହାବିଦ୍ୟାଳୟର ଅନୁବନ୍ଧନ ସମ୍ପର୍କିତ ବିଷୟ ଓ ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା କରିଥିଲେ । ଡ. ଏସ୍. କେ. ଦେହୁରୀ, ଏବଂ ଡ. ବି. ବି. ନନ୍ଦ, . କଂଟ୍ରୋଲ୍ଲେର ଅଫ ସମ୍ବନ୍ଧୀୟ ବିଭିନ୍ନ ବିଷୟ ଓ ଚ୍ୟାଲେଞ୍ଜ ଉପରେ ଆଲୋକପାତ କରିଥିଲେ । ପରବର୍ତ୍ତୀ ଅଧିବେଶନରେ ଜ୍ଞାନ ରଞ୍ଜନ ମହାନ୍ତି ଆଭ୍ୟନ୍ତରୀଣ ମୂଲ୍ୟାୟନ ଓ ପ୍ରାକ୍ଟିକାଲ୍ ପରୀକ୍ଷା ସମ୍ପର୍କିତ ବିଷୟ ଉପସ୍ଥାପନ କରିଥିଲେ । ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ପ୍ରଧାନ ପରୀକ୍ଷା ପରିଚାଳନା ସମ୍ପର୍କିତ ବିଷୟରେ ଆଲୋଚନା କରିଥିଲେ । ଏହାପରେ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ସମୁଦାୟ ସେବା ଓ ଇଂଟର୍ନଶିପ୍ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଶେଷରେ ଏକ ଆନ୍ତରିକ ଆଲୋଚନାତ୍ମକ ଅଧିବେଶନ ଅନୁଷ୍ଠିତ ହୋଇ ବିଶ୍ୱବିଦ୍ୟାଳୟ ଓ ଅଧିଭୁକ୍ତ ମହାବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ଉନ୍ନତି ସମ୍ପର୍କରେ ମତବିନିମୟ କରାଯାଇଥିଲା । କାର୍ଯ୍ୟକ୍ରମଟି ଡ. ବ୍ରଜବନ୍ଧୁ ନନ୍ଦ ଓ ଡଃ. ଉତ୍କଳ କୁମାର ଷଡଙ୍ଗୀ, ସହକାରୀ ପ୍ରଫେସର, ରସାୟନ ବିଜ୍ଞାନ ବିଭାଗ ଓ ଡଃ. ସ୍ମିତା ଏସ୍. ଶତପଥୀଙ୍କ ସମନ୍ୱୟରେ ଆୟୋଜିତ ହୋଇଥିଲା । ଶେଷରେ ଉପ-କୁଳସଚିବ ଏଫ୍. ବର୍ଲା ଧନ୍ୟବାଦ ଅର୍ପଣ କରିଥିଲେ । ଏହି 'ପ୍ରିନ୍ସିପାଲ୍ସ ମିଟ୍' ଉଚ୍ଚଶିକ୍ଷାର ଗୁଣବତା ବୃଦ୍ଧି, ମାନଦଣ୍ଡ ପୂରଣ ଏବଂ ର ସଫଳ କାର୍ଯ୍ୟାନ୍ୱୟନ ଦିଗରେ ଏକ ଫଳପ୍ରଦ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା ।

# ନକଲି ବିଦେଶୀ ମଦ କାରଖାନା ଉପରେ ଚଢ଼ାଉ:

## ଲକ୍ଷାଧିକ ଟଙ୍କାର ନକଲି ମଦ ଓ ସାମଗ୍ରୀ ଜବତ, ୧ ଗିରଫ



ରଣପୁର,୯/୯(ନି/ପ୍ର): ସରକାର ମଦ ବିରୋଧୀ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ପଦକ୍ଷେପ ନେଉଥିବା ବେଳେ ବେକାର ଯୁବକ ମାନେ ନକଲି ମଦ କାରଖାନା ଖୋଲିବାରେ ବ୍ୟସ୍ତ । ଯାହାକୁ ନେଇ ମଦମୃତ୍ୟୁ ଆଶଙ୍କା ଦେଖା ଦେଇଛି । ରଣପୁର ଅଂଚଳରେ ନକଲି ମଦ କାରଖାନା ଆରମ୍ଭ ହୋଇଥିବା ଖବର ପାଇବା ପରେ ନୟାଗଡ ଅବକାରୀ ଅଧିକ୍ଷକ ଜ୍ଞାନରଞ୍ଜନ ପଣ୍ଡା ରଣପୁର ଅବକାରୀ ଥାନା ଅଂଚଳରେ ପେଟ୍ରୋଲିଙ୍ଗ କରିବାକୁ ବ୍ୟାପକ କାରବାକୁ ନିର୍ଦ୍ଦେଶ ଦେଇଥିଲେ । ରଣପୁର ଅବକାରୀ ଥାନା ଅଧିକାରୀ ଶଶିକାନ୍ତ ରାଉତ ସଦଳବଳେ ସେପେଟେମ୍ବର ୮ ତାରିଖ ଭୋର ୫ଟା ସମୟରେ ନରସିଂହପୁର ନିକଟ ରାଇସ ମିଲ ସାମନା କାଜୁ ଜଙ୍ଗଲଭିତରେ ଥିବା ଏକ ଘରେ ନକଲି ମଦ କାରଖାନା ଚାଲିଥିବା ସୁରାକ ପାଇ ଚଢ଼ାଉ କରିଥିଲେ । ଚଢ଼ାଉରେ ଏକ ଲକ୍ଷ ୬୬ ହଜାର ଟଙ୍କାର ସ୍ପିରିଟ, ନାମୀ ଦାମୀ ବିଭିନ୍ନ କମ୍ପାନୀ ଲେବୁଲ, ବୋତଲ, ଠିପି, ରଙ୍ଗ ଓ ମଦର ଅତର ଜବତ କରିବା ସହ ଚାନ୍ଦପୁର ଥାନା ରାଜ ଜଙ୍କିଆ ଓଲସର ଗାଁର ଶ୍ରୀନିବାସ ବେହେରାଙ୍କ ପୁଅ ପ୍ରକାଶ ବେହେରା (୨୪) କୁ ଗିରଫ କରିଥିବା ଜଣାପଡିଛି । ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ରଣପୁର ଅବକାରୀ ଥାନା ଅଧିକାରୀ ଶଶିକାନ୍ତ ରାଉତ,ନିର୍ମଳ କୁମାର ବେହେରା, ବିକାଶ ଜେନା,ସଂଜୀବ ମହାପାତ୍ର ରମ୍ଭା ରାଉତ । ସୂଚନା ଅନୁଯାୟୀ ଗିରଫ ପ୍ରକାଶ ଜଣେ ଆମ୍ବୁଲାନସ ଡ୍ରାଇଭର । ମୁଖ୍ୟ ଅଭିଯୁକ୍ତ ଗାଁ ବାଣିକିଲୋର ଘଟଣା ସ୍ଥଳରୁ ଅବକାରୀ ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଛି । ଅବକାରୀ ଥାନା ଅଧିକାରୀ ଶଶୀକାନ୍ତ ରାଉତ କହିଛନ୍ତି ଏକ ନକଲି ମଦମୃତ୍ୟୁ ଆଶଙ୍କା ଏଡାଇ ଗଲା । ଏକ ସପ୍ତାହ ହେଲା ଏଠାରେ ନକଲି ମଦ ତିଆରି ଚାଲିଥିଲା । ଖୋର୍ଦ୍ଧାଜିଲ୍ଲା ଜଙ୍କିଆ, ନାଚୁଣୀ ଥାନା ଅଚଂଳକୁ ନକଲି ମଦ ଚାଲାଣ ହେଉଥିଲା । ଆଗାମୀ ଦିନରେ ଚଢ଼ାଉକୁ ବ୍ୟାପକ କରାଯିବ ।

# ଖଇରପୁଟରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି,୯/୯(ନି/ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ମାସିକ ମିଳିତ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ଜିଲ୍ଲା ବନ ଖଣ୍ଡ ଅଧିକାରୀ ସାଇ କିରଣ ଏବଂ ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ରହି ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜିର ଏହି ଶିବିରରେ ମୋଟ ୫୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ଭିତିକ ୧୧ଟି ଅଭିଯୋଗ ହୋଇଥିବା ବେଳେ ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୪୧ଟି ଅଭିଯୋଗ ରହିଥିଲା । ପ୍ରଶାସନ ପକ୍ଷରୁ କେତେକ ସମସ୍ୟାର ତତ୍କାଳ ସମାଧାନ କରାଯିବା ସହ ବାକି ଅଭିଯୋଗଗୁଡ଼ିକର ଶୀଘ୍ର ନିରାକରଣ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳଙ୍କ ଦ୍ୱାରା ଯୋଗ୍ୟ ହିତାଧିକାରୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ସାମାଜିକ ସୁରକ୍ଷା ଭତା ପ୍ରଦାନ କରାଯାଇଥିଲା । ଏହାସହ ଗ୍ରାମୋଦୟ ଯୋଜନା ଅଧୀନରେ ଆଂଚଳିକ ଯୁବକମାନଙ୍କୁ କ୍ରୀଡ଼ା ପ୍ରତି ପ୍ରୋତ୍ସାହିତ କରିବା ପାଇଁ ଖେଳ ଉପକରଣ ମଧ୍ୟ ବଂଟନ କରାଯାଇଥିଲା ।

# ବିବିଧା

## ଘରେ ତିଆରି କରନ୍ତୁ ଭେଜ୍ ମୋମୋ

ଆବଶ୍ୟକ ସାମଗ୍ରୀ: ମଇଦା, ଲୁଣ,କଟା ଅଦା, କଟା ରସୁଣ, କଟା କଞ୍ଚା ଲଙ୍କା, କଟା ପିଆଜ,କଟା ଗାଜର, ବନ୍ଧାକୋବି, ଗୋଲମରିଚ ଗୁଣ୍ଡ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କିଛି ମଇଦା ନିଅନ୍ତୁ। ସେଥିରେ ପାଣି ଓ ଲୁଣ ପକାଇ ଚକଟି ଦିଅନ୍ତୁ। ଚକଟି ସାରିବା ପରେ ତା' ଉପରେ ଅଳ୍ପ ରିଫାଇନ ତେଲ ପକାଇ ଢାଙ୍କି ଦିଅନ୍ତୁ। ଏହା କରିବା ଦ୍ୱାରା ମଇଦାଟି ସଫ୍ଟ ହେବ । ପରେ ମୋମୋ ପାଇଁ ମସଲା ପ୍ରସ୍ତୁତ କରନ୍ତୁ। କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲେ ସେଥିରେ କଟା ଅଦା, କଟା ରସୁଣ, କଟା କଞ୍ଚା ଲଙ୍କା ଓ କଟା ପିଆଜ ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ କଟା ଗାଜର ଓ ବନ୍ଧାକୋବି ପକାଇ ଗୋଳାଇ ଦିଅନ୍ତୁ। ତା'ପରେ ଲୁଣ ଓ ଗୋଲମରିଚ ଗୁଣ୍ଡ ପକାଇ କିଛି ସମୟ ପାଇଁ ଫ୍ରାଏ କରନ୍ତୁ। ଏହା ଫ୍ରାଏ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପରେ ଚକଟି ରଖିଥିବା ମଇଦାକୁ ପୁରି ଆକାରରେ ବେଲନ୍ତୁ। ତା' ଭିତରେ ମସଲାକୁ ପୁରାଇ ମୋମୋ ଆକାରରେ ଗଢ଼ନ୍ତୁ। ପରେ ଇଡଲି ଛାଞ୍ଚରେ ତେଲ ମାରି ଗଢ଼ି ରଖିଥିବା ମୋମୋକୁ ରଖି ଢାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ଇଡଲି ଛାଞ୍ଚକୁ ତଳକୁ ଓହ୍ଲାଇ ଦିଅନ୍ତୁ। ଇଡଲି ଛାଞ୍ଚର ଢାଙ୍କୁଣିକୁ କାଢ଼ି ମୋମୋ ଗୁଡ଼ିକ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଭେଜ୍ ମୋମୋ।



## ୨ କୋଟିରେ ତିଆରି 'ହନୁମାନ ଅଂଶ'
### କଲେକ୍ସନ ୧୦୦ କୋଟି ପାର




ବଲିଉଡ୍‌ରେ ବଡ଼ ବଜେଟ୍‌ର ଫିଲ୍ମକୁ ଛୋଟ ବଜେଟ୍‌ର ଫିଲ୍ମ ଟକ୍କର ଦେବା ଖୁବ୍ କମ୍ ଦେଖିବାକୁ ମିଳେ। ହେଲେ ଏବେ ମାତ୍ର ୨ କୋଟି ଟଙ୍କା ବଜେଟ୍‌ରେ ତିଆରି ହୋଇଥିବା 'ହନୁମାନ ଅଂଶ' ବକ୍ସ ଅଫିସ୍‌ରେ ଦମଦାର ପ୍ରଦର୍ଶନ କରି ଚର୍ଚ୍ଚାରେ ରହିଛି। ରିଲିଜ୍‌ର ପ୍ରଥମ ତିନି ସପ୍ତାହରେ ଆଶାନୁରୂପ ରୋଜଗାର ହୋଇ ନଥିଲେ ମଧ୍ୟ ଚତୁର୍ଥ ଓ ପଞ୍ଚମ ସପ୍ତାହରେ ଫିଲ୍ମର କଲେକ୍ସନ୍‌ରେ ଜବରଦସ୍ତ ବୃଦ୍ଧି ଦେଖାଯାଇଛି। 'ହନୁମାନ ଅଂଶ' ପଞ୍ଚମ ସପ୍ତାହରେ ଏପର୍ଯ୍ୟନ୍ତ ୩୩.୬୨ କୋଟି ଟଙ୍କା କଲେକ୍ସନ୍ କରିସାରିଛି। ପଞ୍ଚମ ସପ୍ତାହ ଶେଷ ହେବାକୁ ଆହୁରି ୪ ଦିନ ବାକି ଥିବାରୁ ଏହାର କଲେକ୍ସନ୍ ଆହୁରି ବଢ଼ିବାର ଆଶା ରହିଛି। ଏହି ଆୟ ସହ ଫିଲ୍ମଟି ବଲିଉଡ୍‌ର ପଞ୍ଚମ ସପ୍ତାହର ସର୍ବାଧିକ ରୋଜଗାର କରିଥିବା ଫିଲ୍ମ ତାଲିକାରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ଏହା ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର ୨'ର ପଞ୍ଚମ ସପ୍ତାହର ୧୯.୪୨ କୋଟି ଟଙ୍କାର ରେକର୍ଡକୁ ପଛରେ ପକାଇଛି। ତେବେ ପଞ୍ଚମ ସପ୍ତାହର କଲେକ୍ସନ୍‌ରେ 'ହନୁମାନ ଅଂଶ' ଏବେ ବି 'ଧୁରନ୍ଧର'ଠାରୁ ପଛରେ ରହିଛି। 'ଧୁରନ୍ଧର' ପଞ୍ଚମ ସପ୍ତାହରେ ୫୧.୨୫ କୋଟି ଟଙ୍କା ଆୟ କରିଥିଲା। ଫିଲ୍ମର ବର୍ତ୍ତମାନର ଗତି ଜାରି ରହିଲେ ଏହି ରେକର୍ଡ ମଧ୍ୟ ଭାଙ୍ଗିବାର ସମ୍ଭାବନା ରହିଛି। 'ହନୁମାନ ଅଂଶ'ର ବକ୍ସ ଅଫିସ୍ ଯାତ୍ରାର ସବୁଠାରୁ ବଡ଼ ଚମକ ହେଉଛି ଏହାର ୩୦ତମ ଦିନର କଲେକ୍ସନ୍। ଫିଲ୍ମଟି ୩୦ତମ ଦିନରେ ୧୬.୫୦ କୋଟି ଟଙ୍କା ଆୟ କରିଥିବା ବେଳେ 'ଧୁରନ୍ଧର' ୩୦ତମ ଦିନରେ ୧୧.୭୫ କୋଟି ଟଙ୍କା କଲେକ୍ସନ୍ କରିଥିଲା। ଏହି ଦିନର କଲେକ୍ସନ୍‌ରେ 'ହନୁମାନ ଅଂଶ' 'ଛାଭା', 'ଭରି' ଓ 'ମହାବତାର ନରସିଂହ' ଭଳି ଫିଲ୍ମକୁ ମଧ୍ୟ ପଛରେ ପକାଇଥିବା ଦାବି କରାଯାଉଛି। ରିଲିଜ୍ ଦିନ 'ହନୁମାନ ଅଂଶ' ମାତ୍ର ୧୦ ଲକ୍ଷ ଟଙ୍କା ରୋଜଗାର କରିଥିଲା। ପ୍ରଥମ ସପ୍ତାହରେ ଏହାର ମୋଟ କଲେକ୍ସନ୍ ଥିଲା ୧.୦୮ କୋଟି ଟଙ୍କା। ଦ୍ୱିତୀୟ ସପ୍ତାହରେ 'ଆବାରାପନ୍ ୨' ଓ 'ବଣ୍ଡୱାରା ୧୯୪୭' ସହ ଫିଲ୍ମର ମୁକାବିଲା ହୋଇଥିଲା ଏବଂ ସେହି ସପ୍ତାହରେ କଲେକ୍ସନ୍ ମାତ୍ର ୪୦ ଲକ୍ଷ ଟଙ୍କା ଥିଲା। ତୃତୀୟ ସପ୍ତାହରେ ଯଶଙ୍କ 'ଟକ୍ସିକ୍' ରିଲିଜ୍ ହୋଇଥିଲେ ମଧ୍ୟ 'ହନୁମାନ ଅଂଶ' ୧୦.୪୦ କୋଟି ଟଙ୍କା ଆୟ କରିଥିଲା। ଏହାପରେ ଚତୁର୍ଥ ସପ୍ତାହରେ ଫିଲ୍ମର କଲେକ୍ସନ୍ ୬୧ କୋଟି ଟଙ୍କାରେ ପହଞ୍ଚିଥିଲା। ପଞ୍ଚମ ସପ୍ତାହରେ ମଧ୍ୟ ଫିଲ୍ମର ଦମଦାର ରୋଜଗାର ଜାରି ରହିଛି ଏବଂ ଏହା ୧୦୦ କୋଟି ଟଙ୍କାର ମାଇଲଷ୍ଟୋନ୍ ପାର କରିସାରିଛି। ମାତ୍ର ୨ କୋଟିର ବଜେଟ୍‌ରେ ତିଆରି ଫିଲ୍ମର ଏଭଳି ପ୍ରଦର୍ଶନ ଏବେ ବକ୍ସ ଅଫିସ୍‌ରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଔଷଧୀୟ ଗୁଣରେ ଭରପୂର ବିଲାତି କଇଁଆ



ଗାଁମାନଙ୍କରେ ବିଲାତି କଇଁଆ ମିଳେ। ଏହା କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ଏଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ଭାରତ ଏବଂ ଦକ୍ଷିଣ-ପୂର୍ବ ଏସିଆରେ ମିଳୁଥିବା ଏହି ଫଳଟି ଆକାରରେ ଜିଲାପି ପରି ବଙ୍କା ହୋଇଥିବାରୁ ଏହାକୁ ଜଙ୍ଗଲ ଜିଲାପି ମଧ୍ୟ କୁହାଯାଏ....

### ପାଚନ କ୍ରିୟା ଏବଂ ରକ୍ତ ସଫା କରିବାରେ ସହାୟକ

ଜଙ୍ଗଲ ଜିଲାପି ଖାଇବା ଦ୍ୱାରା ହଜମ ପ୍ରକ୍ରିୟା କିମ୍ବା ପାଚନ କ୍ରିୟାରେ ଉନ୍ନତି ଆସିଥାଏ। ଏହା ସହିତ ଏହା ରକ୍ତକୁ ସଫା କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହି ଫଳର ମଞ୍ଜି ପେଟ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ। ଏହା କୋଷ୍ଠକାଠିନ୍ୟ ଦୂର କରିବା ସହ ପେଟରେ ଥିବା କୃମି ନଷ୍ଟ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

### କାଶ ଏବଂ ଶ୍ୱାସରୋଗରେ ଉପକାରୀ

ଆୟୁର୍ବେଦିକ ଦୃଷ୍ଟିକୋଣରୁ ଜଙ୍ଗଲ ଜିଲାପିର ଅନେକ ମହତ୍ତ୍ୱ ରହିଛି। ଏହି ଫଳ କାଶ ଏବଂ ଦମା (ଆଜ୍‌ମା) ରୋଗୀଙ୍କ ପାଇଁ ବହୁତ ଲାଭଦାୟକ ହୋଇଥାଏ। ତରଳ ଝାଡ଼ା ଓ କାଶ ହେଉଥିଲେ ଏହାର ଛାଲିରୁ ପ୍ରସ୍ତୁତ କାଢ଼ା ଦିନକୁ ୨ ଥର ପିଇଲେ ଆରାମ ମିଳିଥାଏ।

### ଦାନ୍ତ, ମାଢ଼ି ଏବଂ ଚର୍ମ ରୋଗ ପାଇଁ ରାମବାଣ



ଦାନ୍ତ ଏବଂ ମାଢ଼ି ଜନିତ ରୋଗରେ ଜଙ୍ଗଲ ଜିଲାପି ଗଛର ଛାଲି ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ସେହିପରି ଚର୍ମ ରୋଗ ଏବଂ ଶରୀରର ଫୁଲା କମାଇବା ପାଇଁ ଏହାର ପତ୍ରକୁ ଲେପ କିମ୍ବା କାଢ଼ା ରୂପରେ ବ୍ୟବହାର କରାଯାଇଥାଏ। ଏହାବ୍ୟତୀତ ଡାଇବେଟିସ୍ ବା ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ଏହା ଲାଭଦାୟକ ବୋଲି ବିବେଚନା କରାଯାଏ, କାରଣ ଏଥିରେ ପ୍ରଚୁର ମାତ୍ରାରେ ଭିଟାମିନ୍ ସି ରହିଛି ଯାହା ଆମ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ।

### କିପରି କରିବେ ବ୍ୟବହାର ?

ଜଙ୍ଗଲ ଜିଲାପିକୁ ଆପଣ କଞ୍ଚା ଖାଇପାରିବେ କିମ୍ବା ଏହାକୁ ଶୁଖାଇ ଗୁଣ୍ଡ କରି ମଧ୍ୟ ସେବନ କରିପାରିବେ। ଏହାର ମଞ୍ଜିରୁ ପ୍ରସ୍ତୁତ ଚୂର୍ଣ୍ଣକୁ ମହୁ ସହିତ ମିଶାଇ ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଗ୍ରାମାଞ୍ଚଳରେ ଏହାକୁ ପିଲାମାନଙ୍କର ପ୍ରାକୃତିକ ଟଫି ବୋଲି ମଧ୍ୟ କୁହାଯାଏ, ଯାହା ସ୍ୱାଦିଷ୍ଟ ହେବା ସହ ପେଟର ଗରମକୁ ଶାନ୍ତ କରିବାରେ ସାହାଯ୍ୟ କରେ।



ଦୀର୍ଘ ଦିନ ପରେ ଅଭିନେତ୍ରୀ ପ୍ରୀତି ଜିଣ୍ଟା 'ପାର୍ଟିସନ ୧୯୪୭' ସହିତ ବଡ଼ ପରଦାକୁ ଫେରିଛନ୍ତି। ଚଳିତ ବର୍ଷ ତାଙ୍କର ଦ୍ୱିତୀୟ ଫିଲ୍ମ ରିଲିଜ ଅପେକ୍ଷାରେ ଅଛନ୍ତି। ସନ୍ନି ଦେଓଲଙ୍କ ଫିଲ୍ମ ସହିତ ଫେରିବା ପରେ, ସେ ପରବର୍ତ୍ତୀ ସମୟରେ କୁନାଲ ଖେମ୍ମୁଙ୍କ 'ଭାଇବ' ରେ ନଜର ଆସିବେ। ସେ ଏହି ପ୍ରୋଜେକ୍ଟ ପାଇଁ ଦୀର୍ଘ ସମୟ ଧରି ସ୍ୱେଚ୍ଛାକୃତ ଭାବରେ କାମ କରିଛନ୍ତି। ମୁମ୍ବାଇରେ 'ଭାଇବ'ର ଟ୍ରେଲର ଲଞ୍ଚ ଇଭେଣ୍ଟରେ କହିଛନ୍ତି, ଆମେ ଶୁଟିଂ କରୁଥିବା ପ୍ରତ୍ୟେକ ଦିନ ବହୁତ ଲମ୍ବା ଥିଲା, ତେଣୁ ସମସ୍ତଙ୍କର ନିଜସ୍ୱ ପସନ୍ଦ ଥାଏ। ମୁଁ ପ୍ରତିଦିନ ୧୮ ଘଣ୍ଟା କାମ କରିବାର କାରଣ ହେଉଛି ଯଥାଶୀଘ୍ର କାମ ଶେଷ କରି ମୋ ପିଲାମାନଙ୍କ ସହିତ ରହିବା ପାଇଁ ଆମେରିକା ଫେରିବାକୁ ଚାହୁଁଥିଲି। ପ୍ରୀତି ଜିଣ୍ଟା 'ପାର୍ଟିସନ ୧୯୪୭' ପରେ 'ଭାଇବ'ରେ ନଜର ଆସିବେ। ଏହି ଫିଲ୍ମରେ 'ମିସିଂ ଲେଡିଜ' ଫେମ ସ୍ପର୍ଶ ଶ୍ରୀବାସ୍ତବଙ୍କ ସହିତ ବଂଶିକା ଧୀର, ଯଶପାଲ ଶର୍ମା ଏବଂ ଦିନେଶ ଲାଲ ଯାଦବ ମଧ୍ୟ ଅଭିନୟ କରିଛନ୍ତି। ଏହି ଫିଲ୍ମଟି ସେପ୍ଟେମ୍ବର ୧୮ରେ ଥିଏଟରରେ ମୁକ୍ତିଲାଭ କରିବ।

## ନୋରାଙ୍କ ବିରୋଧରେ ୩ କୋଟିର ମାନହାନି ମାମଲା



ବଲିଉଡ ଅଭିନେତ୍ରୀ ତଥା ଡ୍ୟାନ୍ସର ନୋରା ଫତେହି ପୁଣିଥରେ ଆଇନଗତ ବିବାଦରେ ଫସିଛନ୍ତି। ଗୁଜରାଟର ଗାନ୍ଧୀନଗର ଅଦାଲତରେ ନୋରାଙ୍କ ବିରୋଧରେ ୩ କୋଟି ଟଙ୍କାର ସିଭିଲ ମାନହାନି ମାମଲା ଦାୟର ହୋଇଛି। ଏକ ଏଭିଏସନ କମ୍ପାନୀ ପକ୍ଷରୁ ଏହି ମାମଲା ଦାୟର କରାଯାଇଛି। କମ୍ପାନୀର ଅଭିଯୋଗ ଅନୁସାରେ, ନୋରା ତାଙ୍କ ଚାର୍ଟାର୍ଡ ବିମାନକୁ ନେଇ ସୋସିଆଲ ମିଡିଆରେ ଏପରି କିଛି ମନ୍ତବ୍ୟ କରିଥିଲେ, ଯାହାକୁ କମ୍ପାନୀ ଅପମାନଜନକ, ଦାୟିତ୍ୱହୀନ ଏବଂ ତଥ୍ୟ ଯାଞ୍ଚ ନକରି କରାଯାଇଥିବା ମନ୍ତବ୍ୟ ବୋଲି ଦାବି କରିଛି। ଏହି ମାମଲାର ଶୁଣାଣି ସିନିୟର ସିଭିଲ ଜଜ ଆର. ଅଗ୍ରୱାଲଙ୍କ ଅଦାଲତରେ ସେପ୍ଟେମ୍ବର ୨୫ରେ ହେବାକୁ ଥିବା ସୂଚନା ମିଳିଛି। ମାମଲାଟି ଗତବର୍ଷ ଡିସେମ୍ବର ମାସର ଘଟଣା ସହ ଜଡିତ ବୋଲି ଦାବି କରାଯାଇଛି। ଦାଖଲ ହୋଇଥିବା ମାମଲା ଅନୁସାରେ, ନୋରା ଫତେହି ମୁମ୍ବାଇରୁ ଜୟପୁର ଯାତ୍ରା ସମୟରେ ଏଭିଏସନ କମ୍ପାନୀର Cessna Citation CJ୨ ବିମାନରେ ଯାତ୍ରା କରିଥିଲେ। ଏହି ଯାତ୍ରା ସମୟରେ ଅଭିନେତ୍ରୀ ବିମାନ ଭିତରେ କିଛି ଭିଡିଓ ରେକର୍ଡ କରିଥିଲେ। କମ୍ପାନୀର ଦାବି ଅନୁସାରେ, ଏହି ଭିଡିଓରେ ନୋରା ବିମାନର ଆକାର ଓ ଲୁକ୍‌କୁ ନେଇ କଥା କହିବା ସମୟରେ 'Miniature', 'Toy' ଏବଂ 'Lego Airplane' ଭଳି ଶବ୍ଦ ବ୍ୟବହାର କରିଥିଲେ। ପରେ ନୋରା ଏହି ଭିଡିଓଗୁଡ଼ିକୁ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଥିଲେ। ତାଙ୍କର ବହୁ ସଂଖ୍ୟକ ଫଲୋଅର ଥିବାରୁ ଏହି ମନ୍ତବ୍ୟର ପ୍ରଭାବ ବ୍ୟାପକ ହୋଇଥିବା କମ୍ପାନୀ ଦାବି କରିଛି। ଏଭିଏସନ କମ୍ପାନୀ ଅଦାଲତରେ ଦାଖଲ କରିଥିବା ଯାଚିକାରେ ଦାବି କରିଛି ଯେ, ନୋରାଙ୍କ ସୋସିଆଲ ମିଡିଆ ପୋଷ୍ଟ ଯୋଗୁ କମ୍ପାନୀର ବ୍ୟବସାୟ ପ୍ରଭାବିତ ହୋଇଛି। କମ୍ପାନୀ ଅନୁସାରେ, ମନ୍ତବ୍ୟ ପରେ ବୁକିଂରେ ପ୍ରାୟ ୧୫ରୁ ୨୦ ପ୍ରତିଶତ ହ୍ରାସ ଘଟିଥିଲା। ଏପରିକି କିଛି ବୁକିଂ ବାତିଲ ହୋଇଥିବା ମଧ୍ୟ କମ୍ପାନୀ ପକ୍ଷରୁ ଦାବି କରାଯାଇଛି। କମ୍ପାନୀ ନିଜର ବର୍ଷ ବର୍ଷରେ ଗଢ଼ି ଉଠିଥିବା ଗୁଡଓ୍ୱିଲ ଏବଂ ପ୍ରତିଷ୍ଠା କ୍ଷତିଗ୍ରସ୍ତ ହୋଇଥିବା ମଧ୍ୟ ଦାବି କରିଛି। ନୋରାଙ୍କ ମନ୍ତବ୍ୟ କୌଣସି ପ୍ରାଯୁକ୍ତିକ ତଥ୍ୟ, ଯାଞ୍ଚ କିମ୍ବା ତଥ୍ୟର ପୁଷ୍ଟି ବିନା କରାଯାଇଥିବା ବୋଲି ଯାଚିକାରେ କୁହାଯାଇଛି।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ଗୁରୁବାର ୧୦ ସେପ୍ଟେମ୍ବର ୨୦୨୬**

### ଦିଲ୍ଲୀ ଘଟଣା ପରେ ଓଡିଶାରେ କଡା ସତର୍କତା : ପ୍ରତ୍ୟେକ ଜୀବନ ମୂଲ୍ୟବାନ



ଦିଲ୍ଲୀର ମୋତି ବାଗରେ କୋଠା ଭୁଶୁଡିବା ଭଳି ଘଟଣା ସମଗ୍ର ଦେଶ ପାଇଁ ଏକ ଗୁରୁତ୍ୱର ସତର୍କ ସଙ୍କେତ । ଏଭଳି ଘଟଣା ପରେ ଓଡିଶାରେ ମଧ ଭବନ ସୁରକ୍ଷା, ଅଗ୍ନି ସୁରକ୍ଷା, ପୁରୁଣା ଓ ଜରାଜୀର୍ଣ୍ଣ କୋଠା, ନିର୍ମାଣଧୀନ ଅଟ୍ଟାଳିକା, ବିଦ୍ୟୁତ ବ୍ୟବସ୍ଥା ଏବଂ ଆପତକାଳୀନ ଉଦ୍ଧାର ବ୍ୟବସ୍ଥା ଉପରେ କଡା ନଜରଦାରି ଆବଶ୍ୟକ ହୋଇପଡିଛି । ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ସହରରେ ଦ୍ରୁତ ନଗରୀକରଣ ସହ ନୂଆ ଘର, ଆପାର୍ଟମେଂଟ, ବାଣିଜ୍ୟିକ କୋଠା, ହସ୍ପିଟାଲ, ହୋଟେଲ, ମଲ୍, ଗୋଦାମ ଓ ଅନ୍ୟାନ୍ୟ ବଡ ନିର୍ମାଣ ବଢୁଥିବା ବେଳେ ନିର୍ମାଣର ଗତି ସହ ସୁରକ୍ଷା ମାନଦଣ୍ଡ ମଧ ସମାନ ଭାବେ କଡା ହେବା ଦରକାର । ପୁରୁଣା ଓ ଜରାଜୀର୍ଣ୍ଣ କୋଠାଗୁଡିକର ନିମୟିତ ଗଠନାତ୍ମକ ଯାଂଚ କରାଯାଇ ଫାଟ, ଦୁର୍ବଳ ସ୍ତମ୍ଭ, ଖସୁଥିବା ପ୍ଲାଷ୍ଟର, ଦୁର୍ବଳ ଛାତ କିମ୍ବା ଅନ୍ୟ କୌଣସି ଗୁରୁତର ତ୍ରୁଟି ଥିଲେ ତୁରନ୍ତ ସୁଧାରମୂଳକ ପଦକ୍ଷେପ ନିଆଯିବାା ଆବଶ୍ୟକ । ଯେଉଁ କୋଠା ମରାମତି ଯୋଗ୍ୟ, ସେଗୁଡିକର ଆବଶ୍ୟକ ମରାମତି କରାଯାଉ ଏବଂ ଯେଉଁ କୋଠା ମରାମତି ଯୋଗ୍ୟ, ସେଗୁଡିକର ଆବଶ୍ୟକ ମରାମତି କରାଯାଉ ଏବଂ ଯେଉଁ କୋଠା ଅତ୍ୟନ୍ତ ବିପଦପୂର୍ଣ୍ଣ, ସେଠାରେ ଲୋକଙ୍କ ଜୀବନକୁ ପ୍ରାଥମିକତା ଦେଇ ଉଚିତ ପଦକ୍ଷେପ ନିଆଯାଉ । ସେହିପରି ନିର୍ମାଣଧୀନ କୋଠାଗୁଡିକରେ ମଧ ସୁରକ୍ଷା ନିୟମର କଡା ପାଳନ ହେବା ଦରକାର । ଉଚ୍ଚତାରେ କାମ କରୁଥିବା ଶ୍ରମିକଙ୍କୁ ହେଲମେଟ୍, ସେଫ୍ଟି ବେଲ୍ଟ, ସୁରକ୍ଷା ଜାଲ, ହାତମୋଜା ଓ ଆବଶ୍ୟକ ସୁରକ୍ଷା ସାମଗ୍ରୀ ଯୋଗାଇ ଦିଆଯିବା ସହ ସ୍କାଫୋଲ୍ଡିଂ, ଲିଫ୍ଟିଂ ଯନ୍ତ୍ରପାତି ଓ ଅସ୍ଥାୟୀ ଢାଂଚାର ନିୟମିତ ଯାଂଚ କରାଯିବା ଦରକାର । କାମ ଶୀଘ୍ର ଶେଷ କରିବା କିମ୍ବା ଖର୍ଚ୍ଚ କମାଇବା ପାଇଁ ସୁରକ୍ଷାକୁ କେବେ ବି ଅଣଦେଖା କରାଯିବା ଉଚିତ ନୁହେଁ । ଭବନ ସୁରକ୍ଷା ସହ ଅଗ୍ନି ସୁରକ୍ଷା ମଧ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ହସ୍ପିଟାଲ, ହୋଟେଲ, ସପିଂ ମଲ, ବଜାର, ଗୋଦାମ, କାରଖାନା, ଶିକ୍ଷାନୁଷ୍ଠାନ ଓ ଉଚ୍ଚ ଅଟ୍ଟାଳିକାରେ ଫାୟାର ଆଲାର୍ମ, ଅଗ୍ନିନିର୍ବାପକ ଯନ୍ତ୍ର, ହାଇଡ୍ରାଂଟ ଧୂଆଁ ଚିହ୍ନଟ ବ୍ୟବସ୍ଥା,ଜରୁରୀକାଳୀନ ଆଲୋକ ଓ ସୁରକ୍ଷିତ ନିର୍ଗମ ପଥ କାର୍ଯ୍ୟକ୍ଷମ ଅଛି କି ନାହିଁ, ତାହା ନିମୟିତ ଯାଂଚ କରାଯିବା ଦରକାର । କେବଳ କାଗଜପତ୍ରରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଥିବା ଦର୍ଶାଇଲେ ହେବ ନାହିଁ, ଆବଶ୍ୟକ ସମୟରେ ସେଗୁଡିକ ପ୍ରକୃତରେ କାମ କରୁଛି କି ନାହିଁ, ତାହାର ଯାଂଚ ଅତ୍ୟନ୍ତ ଜରୁରୀ । ଅନେକ ସ୍ଥାନରେ ଜରୁରୀକାଳୀନ ଦ୍ୱାର ବନ୍ଦ ରହିବା, ନିର୍ଗମ ପଥରେ ସାମଗ୍ରୀ ରଖାଯିବା କିମ୍ବା ଅଗ୍ନିନିର୍ବାପକ ଯନ୍ତ୍ରର ରକ୍ଷଣାବେକ୍ଷଣ ନହେବା ଭଳି ଅବହେଳା ଦେଖାଯାଏ, ଯାହା ଆପତ୍କାଳୀନ ସମୟରେ ବଡ ବିପଦର କାରଣ ହୋଇପାରେ । ତେଣୁ ଏପରି ଅବହେଳା ବିରୋଧରେ ପ୍ରଶାସନକୁ କଡା ପଦକ୍ଷେପ ନେବା ଦରକାର । ବିଦ୍ୟୁତ୍ ସୁରକ୍ଷା ମଧ ଅଗ୍ନିକାଣ୍ଡ ରୋକିବାର ଏକ ମୁଖ୍ୟ ଅଂଶ । ପୁରୁଣା ତାର, ଅତ୍ୟଧିକ ବିଦ୍ୟୁତ ଲୋଡ୍, ଅସୁରକ୍ଷିତ ତାର ଯୋଡା ଓ ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ସଂଯୋଗ ଅଗ୍ନିକାଣ୍ଡର ଆଶଙ୍କା ବଢାଇପାରେ । ତେଣୁ ପୁରୁଣା ବଜାର, ଗୋଦାମ, କାରଖାନା, ବ୍ୟବସାୟିକ ପ୍ରତିଷ୍ଠାନ ଓ ଭିଡଭାଡ ଅଂଚଳରେ ନିୟମିତ ବିଦ୍ୟୁତ୍ ସୁରକ୍ଷା ଅଡିଟ୍ କରାଯିବା ଆବଶ୍ୟକ ବଡ ହସ୍ପିଟାଲ, ସ୍କୁଲ, କଲେଜ, ମଲ୍, ସିନେମା ହଲ୍, ହୋଟେଲ ଓ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ ନିୟମିତ ଅଗ୍ନି ସୁରକ୍ଷା ଅଭ୍ୟାସ କିମ୍ବା ମକ୍ ଡ୍ରିଲ୍ କରାଯିବା ଦରକାର, ଯାହା ଫଳରେ ଆପତ୍କାଳୀନ ସମୟରେ ଲୋକମାନେ ଭୟଭୀତ ନହୋଇ ସୁରକ୍ଷିତ ଭାବେ ବାହାରିପାରିବେ । ଏହା ସହିତ ଅଗ୍ନିଶମ ବାହିନୀ, ପୁଲିସ, ଆମ୍ବୁଲାନ୍ସ, ଓଡ୍ରାଫ୍ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଜରୁରୀକାଳୀନ ସମନ୍ୱୟକୁ ଆହୁରି ସୁଦୃଢ କରାଯିବା ଦରକାର । କୌଣସି ଭବନରେ ଅଗ୍ନିକାଣ୍ଡ, ଗଠନାତ୍ମକ ଦୁର୍ଘଟଣା କିମ୍ବା କୋଠା ଭୁଶୁଡିବା ଘଟଣା ଘଟିଲେ ପ୍ରଥମ କିଛି ମିନିଟ୍ ଅତ୍ୟନ୍ତ ମୂଲ୍ୟବାନ ହୋଇଥାଏ । ତେଣୁ ଦ୍ରୁତ ସୂଚନା, ଶୀଘ୍ର ଉଦ୍ଧାର ଓ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଅନେକ ଜୀବନ ବଂଚାଇପାରେ । ଏହି ସମଗ୍ର ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ସଚେତନତା ମଧ ଅତ୍ୟନ୍ତ ଜରୁରୀ । କୌଣସି ଭବନରେ ବଡ ଫାଟ, ଦୁର୍ବଳ ସ୍ତମ୍ଭ, ଖସୁଥିବା ଛାତ, ଅସୁରକ୍ଷିତ ବିଦ୍ୟୁତ୍ ତାର, ଅଗ୍ନି ସୁରକ୍ଷା ବ୍ୟବସ୍ଥାର ଅଭାବ କିମ୍ବା ଅବରୋଧିତ ନିର୍ଗମ ପଥ ଦେଖାଗଲେ ତାହାକୁ ଅଣଦେଖା ନକରି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ଦରକାର । ଗୋଟିଏ ଛୋଟ ସତର୍କତା ମଧ ଗୋଟିଏ ବଡ ଦୁର୍ଘଟଣାକୁ ରୋକିପାରେ । ଦିଲ୍ଲୀର ମୋତି ବାଗ ଘଟଣା ଆମକୁ ଶିଖାଏ ଯେ ବିପଦ ଘଟିବା ପରେ ଉଦ୍ଧାର କାର୍ଯ୍ୟ କରିବାଠାରୁ ବିପଦକୁ ଆଗରୁ ଚିହ୍ନଟ କରି ରୋକିବା ଅଧିକ ଜରୁରୀ । ଓଡିଶାରେ ପୁରୁଣା ଓ ଜରାଜୀର୍ଣ୍ଣ କୋଠା, ନିର୍ମାଣଧୀନ ଅଟ୍ଟାଳିକା, ଅଗ୍ନି ସୁରକ୍ଷା, ବିଦ୍ୟୁତ୍ ବ୍ୟବସ୍ଥା, ବଜାର, ହସ୍ପିଟାଲ, ହୋଟେଲ, ଗୋଦାମ ଓ ଶିଳ୍ପ ପ୍ରତିଷ୍ଠାନ ଉପରେ ନିମୟିତ ଓ କଡା ନଜରଦାରି ଏବେ ସମୟର ଆବଶ୍ୟକତା । ବିକାଶ ନିଶ୍ଚିତ ଭାବେ ଦରକାର, କିନ୍ତୁ ସୁରକ୍ଷିତ ବିକାଶ ତାଠାରୁ ଅଧିକ ଜରୁରୀ । କୋଠା ପୁଣି ତିଆରି ହୋଇପାରେ, ସମ୍ପତି ପୁଣି ଅର୍ଜନ କରାଯାଇପାରେ, କିନ୍ତୁ ହରାଇଥିବା ଜୀବନ କେବେ ଫେରିଆସେ ନାହିଁ । ତେଣୁ ପ୍ରଶାସନ ସଚେତନ ହେଉ, ନିର୍ମାଣକାରୀ ଦାୟିତ୍ୱବାନ ହୁଅନ୍ତୁ, ପ୍ରତ୍ୟେକ ପ୍ରତିଷ୍ଠାନ ଅଗ୍ନି ଓ ଭବନ ସୁରକ୍ଷା ନିୟମକୁ କଡାକଡିରେ ପାଳନ କରୁ ଏବଂ ଜନସାଧାରଣ ମଧ ସତର୍କ ରୁହନ୍ତୁ-କାରଣ ପ୍ରତ୍ୟେକ ଜୀବନ ମୂଲ୍ୟବାନ ।

# କନଫୁସିଅସ ଓ ବୃଦ୍ଧ

ଏବେ ଦେଖିବାକୁ ମିଳୁଛି ଯେ ସେହି 'ପ୍ରଗତି'ର ସମ୍ମୋହନ ଭିତରେ ମାନବ ଜାତି (ବୃଦ୍ଧଙ୍କ ନାତି ଭଳି) କେବଳ ତା'ର ସ୍ୱାସ୍ଥ୍ୟ ହରାଇ ନାହିଁ, ତାହାର ସମଗ୍ର ଅସ୍ତିତ୍ୱ ହରାଇବାକୁ ବସିଲାଣି ! ଏବଂ ପ୍ରଗତିର ଏହି ଜୟଯାତ୍ରାରେ ପରାହତ ଭଳି ପ୍ରତୀତ ହେଉଥିବା ପ୍ରକୃତି ତା' ନିଜ ମାର୍ଗରେ ପ୍ରତିଶୋଧ ନେଇ ପୃଥିବୀକୁ ଟଳମଳ କରି ପକାଇଲାଣି ! କଥିତ ଅଛି ଯେ ମହାନ ଚୀନା ଦାର୍ଶନିକ (ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ) କନଫୁସିଅସ ଥରେ ଗୋଟିଏ ଗଛ ଛାଇରେ ବସିଥିବା ବେଳେ ଦେଖିଲେ ଯେ ସୁଗଠିତ ଶରୀରଯୁକ୍ତ ଜଣେ ବୃଦ୍ଧ ଓ ଜଣେ ଯୁବକ ପାଳି ପାଳି କାରି ଜୁଆଳି କାନ୍ଧରେ ଧରି ହଳ କରିବାରେ ବ୍ୟାପୃତ । ସେ ଦୁହେଁ ଥିଲେ ଅଜା ଓ ନାତି । କିଛି ସମୟ ପରେ କ୍ଲାନ୍ତି ଅପନୋଦନ କରିବା ଲାଗି ଉଭୟ ସେହି ଗଛ ଛାଇକୁ ଆସିଥିବା ବେଳେ କନଫୁସିଅସ ବୃଦ୍ଧଙ୍କୁ ପରାମର୍ଶସୁଲଭ ବାକ୍ୟଟିଏ କହିଥିଲେ, "ପାଖ ରାଜ୍ୟରେ କେତେ ପ୍ରଗତି ହେଲାଣି ଜାଣିନା ବୋଧହୁଏ ! ଲୋକେ ଚାଷ ଲାଗି ଘୋଡ଼ା ବ୍ୟବହାର କଲେଣି ! ତୁମେ ସେଥିରୁ ଗୋଟିଏ ଆଣୁନା'' ଏହା ଶୁଣି ବୃଦ୍ଧ ଧୀର କଣ୍ଠରେ କହିଥିଲେ, "ମୋ ନାତି ଆପଣଙ୍କ କଥା ନ ଶୁଣୁ ! ନ ହେଲେ ସେ ଘୋଡ଼ାଟିଏ ଲାଗି ଜିଦି କରିବ । ଆପଣ କ'ଣ ଚାହାନ୍ତି ଯେ ଘୋଡ଼ାର ସ୍ୱାସ୍ଥ୍ୟ ଭଲ ରହୁ ଓ ତା' ଦେହ ବିଗିଡ଼ି ଯାଉ'' କହିବା ଅନାବଶ୍ୟକ ଯେ ବୃଦ୍ଧଙ୍କ ଉକ୍ତିରେ ଶ୍ଳେଷ ଥିଲା ; କାରଣ ସେ ବୁଝିଥିଲେ ଯେ ଶ୍ରମକୁଣ୍ଠ ବା ଆଳସ୍ୟଜର୍ଜର ହେବାର ଏ ପ୍ରକରଣରେ ବ୍ୟାଧିକୁ ନିମନ୍ତ୍ରଣ କରିବା କେବଳ ସାର ହୋଇଥାଏ ! କିନ୍ତୁ ବୁଝି ହେଉଛି ଯେ ସେହି ସମୟ ବେଳକୁ, ଆପଣା ସ୍ୱାର୍ଥ ଓ ସୁବିଧା ଲାଗି ପ୍ରାକୃତିକ ଭାବେ ଉପଲବ୍ଧ ଯେକୌଣସି ସାଧନ (ସଜୀବ ହେଉ ବା ନିର୍ଜୀବ)ର ଉପଯୋଗ କରି ଜାଣିବାକୁ 'ପ୍ରଗତି' ମର୍ମରେ ବୁଝାଯାଉଥିବ, ଯାହା କାଳକ୍ରମେ ଏବର ପ୍ରକୃତିର ଦୋହନରେ ପରିଣତ ହୋଇଛି ! କୁହାଯାଏ ଯେ ଆଧୁନିକ ବୈଜ୍ଞାନିକ ଚିନ୍ତାଧାରାର ବୀଜ ପଡ଼ିଥିଲା କନଫୁସିଅସଙ୍କ ଦର୍ଶନ ଓ ଦୃଷ୍ଟିରୁ, ଯହିଁରେ ମନୁଷ୍ୟ ହୋଇଥାଏ ସୃଷ୍ଟିର କେନ୍ଦ୍ର ଓ ତା'ର ପରାକାଷ୍ଠା ନିହିତ ଥାଏ ପ୍ରକୃତି ଉପରେ ବିଜୟରେ, ଏପରିକି ପ୍ରକୃତିକୁ ଦାସ କରିବାରେ ! ପ୍ରଶ୍ନ ଉଠିପାରେ, ସ୍ତମ୍ଭର ପ୍ରାରମ୍ଭରେ ଏହି ଗଳ୍ପର ଅବତାରଣା ପଛରେ ସଂଦର୍ଭ କ'ଣ ? ଉତର ହେଉଛି, ନେପାଳରେ ଘଟିଥିବା ଭୟାବହ ହିମାଳୟୀ ପ୍ରଳୟ ପରିପ୍ରେକ୍ଷୀରେ ବୁଝିବାକୁ ଚେଷ୍ଟା କରିବା ଯେ କିଭଳି ତଥାକଥିତ 'ପ୍ରଗତି'ର ମାଦକତା ମନୁଷ୍ୟକୁ ହିତାହିତ ଜ୍ଞାନ ଶୂନ୍ୟ କରିଛି । ଏହା କ'ଣ ସମ୍ଭବ ଯେ ଚୀନର ବିଚକ୍ଷଣ ବୈଜ୍ଞାନିକ, ଇଂଜିନିଅର ଓ ପରିବେଶବିତ୍‌ମାନଙ୍କୁ ଅଜ୍ଞାତ ଥିବ ଯେ ହିମାଳୟ ଭଳି ଏକ କର୍ଦ୍ଦମ ପର୍ବତରେ ଭିତିଭୂମି ସ୍ଥାପନ, ପ୍ରଶସ୍ତ ରାଜପଥ ନିର୍ମାଣ କି ଅତିକାୟ ସୁଡ଼ଙ୍ଗ ଖନନ ଇତ୍ୟାଦି ଭଳି କାର୍ଯ୍ୟ ହିମ ଚଳନ ବା ଅତଡ଼ା ଖସିବା ପରି ବିପର୍ଯ୍ୟୟ ସକାଶେ 'ଟ୍ରିଗର' ଦବାଇବା ଭଳି ହୋଇଥାଏ ? କିନ୍ତୁ, ଚୈତନ୍ୟ ଉଦୟ ହେଉନାହିଁ କାହିଁକି ? ଉଦାହରଣ ସ୍ୱରୂପ, ଚୀନର ସର୍ବାଧିକ ମହତ୍ୱାକାଂକ୍ଷୀ 'ବେଲ୍ଟ ରୋଡ୍ ଇନିସିଏଟିଭ' ପ୍ରକଳ୍ପ ଅଧୀନରେ ତିବ୍ୱତକୁ ନେପାଳ ସହିତ ସଂଯୁକ୍ତ କରୁଥିବା ରାଜପଥର ଅଂଶ, ୨୦୧୫ ମସିହାର ନେପାଳ ଭୂମିକଂପରେ ସଂପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଥିଲା, କିନ୍ତୁ ପୁଣି କିଙ୍ଗଂ ଠାରୁ କାଠମାଣ୍ଡୁ ପର୍ଯ୍ୟନ୍ତ ଛଅ ଲେନ ବିଶିଷ୍ଟ ବିଶାଳ ରାଜପଥ ସହିତ ରେଳପଥର ନିର୍ମାଣ କାର୍ଯ୍ୟ ଚାଲିଛି । କହିବାର ତାତ୍ପର୍ଯ୍ୟ ହେଲା, ନେପାଳର ପ୍ରଳୟଙ୍କରୀ ଭୂମିକଂପକୁ ଯଦି ପ୍ରକୃତିର ଚେତାବନୀ ବୋଲି କୁହାଯାଏ, ତେବେ ତାକୁ ଯେ କର୍ଣ୍ଣପାତ କରାଯାଇନାହିଁ, ତାହା ସୁସ୍ପଷ୍ଟ । କେବଳ ସେତିକି ନୁହେଁ, ତିବ୍ୱତରେ ଚୀନ ପକ୍ଷରୁ ନିର୍ମିତ ହେଲାଣି ୩୦୦ରୁ ଅଧିକ ନଦୀ ବନ୍ଧ, ଯହିଁରୁ ଅନେକ ହେଉଛନ୍ତି ଅତ୍ୟନ୍ତ ବିଶାଳ । ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମାଣ କରାଯାଉଥିବା ନଦୀବନ୍ଧକୁ ତ ପୃଥିବୀର ଅନ୍ୟତମ ବୃହତମ ନଦୀବନ୍ଧ ପ୍ରକଳ୍ପ ବୋଲି ଅଭିହିତ କରାଯାଉଛି ! ପୃଥିବୀର ଅଧିକାଂଶ ପରିବେଶବିତ୍, ଏପରିକି ଚୀନା ପରିବେଶବିତ୍‌ମାନେ ମଧ, ମତ ପୋଷଣ କରିଥାଆନ୍ତି ଯେ ଭୂମିର ଫାଟ ଦେଇ ଯଦି ଜଳ ଧାର ଭୂଗର୍ଭସ୍ଥ 'ସିସ୍‌ମିକ୍ ଜୋନ୍' ବା 'କଂପନ ସୃଷ୍ଟିକାରୀ ସ୍ତର'ରେ ପହଟେ, ତେବେ ଭୂମିକଂପ ହେବାର ବାଟ ଫିଟିଯାଏ । ଏବଂ ବିପୁଳ ପରିମାଣରେ ଜଳ ଠୁଳ କରୁଥିବା ହେତୁ କୃତ୍ରିମ ଜଳଭଣ୍ଡାରଗୁଡ଼ିକ ଦ୍ୱାରା ସେହି ଆଶଙ୍କା ଅଧିକ ବୃଦ୍ଧି ପାଇଥାଏ । ସେମାନେ କହିଥାଆନ୍ତି ଯେ ପୂର୍ବରୁ ହିମାଳୟ ପାର୍ବତ୍ୟାଂଚଳରେ ବର୍ଷକୁ ଦୁଇ ବା ତିନି ଥର ଭୂକଂପର ଦୃଷ୍ଟାନ୍ତ ମିଳୁଥିବା ବେଳେ ସଂପ୍ରତି ସେହି ସଂଖ୍ୟା ବାର୍ଷିକ ହାରାହାରି ପନ୍ଦରରେ ପହଚିଂଲାଣି, ଯହିଁରେ ନେପାଳ, ଭୁଟାନ, ଭାରତର ସିକିମ ଓ ଆଫଗାନିସ୍ତାନ ପର୍ଯ୍ୟନ୍ତ ଅନେକ କ୍ଷତି ସହିଛନ୍ତି । ଚୀନ ସରକାର କ'ଣ ଏ ନେଇ ଅଜ୍ଞ ଥିବେ ? ସୁନିଶ୍ଚିତ ଭାବେ 'ନା' ! ତାହା ହେଲେ ପୁଣି କାହିଁକି ଏଭଳି ଜଳଭଣ୍ଡାରମାନ ନିର୍ମାଣ କରି ଜୀବନ୍ତ ଟାଇମ ବୋମାମାନ ଖଞ୍ଜି ଦେଉଛନ୍ତି, ଯେଉଁଗୁଡ଼ିକ ପ୍ରଳୟ ସୃଷ୍ଟି ଲାଗି କେବଳ ଏକ ନିର୍ଦ୍ଦିଷ୍ଟ ଓ ନିର୍ଣ୍ଣାୟକ ମୁହୂର୍ତକୁ ଅପେକ୍ଷା କରି ରହିଛନ୍ତି ଯାହା ଏହାର ଉତର ମଧ ହେଉଛି ସେହି ତଥାକଥିତ 'ପ୍ରଗତି' ନାମରେ ଚାଲିଥିବା ଅନ୍ଧ ପ୍ରତିଦ୍ୱନ୍ଦ୍ୱିତା । 'ଏ.ଆଇ.'ର ବିକାଶ କ୍ଷେତ୍ରରେ, ଯୁକ୍ତରାଷ୍ଟ୍ର ଆମେରିକାକୁ ଅତିକ୍ରମ କରିବା ଲାଗି ଚୀନ ପକ୍ଷରୁ ଯେଉଁ ଉଦ୍ୟମ ଚାଲିଛି, ତାହାର ନିଦର୍ଶନ ହେଉଛନ୍ତି ଅତିକାୟ 'ଡେଟା ସେଂଟର'ମାନ, ଯାହା ବିପୁଳ ପରିମାଣରେ ବିଦ୍ୟୁତ୍ ଶକ୍ତି ଲୋଡ଼ି ଥାଆନ୍ତି, ଯେଉଁ କାରଣରୁ ନଦନଦୀ ସମୃଦ୍ଧ ତିବ୍ୱତ ଏତେ ସଂଖ୍ୟକ ବିଶାଳ ନଦୀବନ୍ଧ ଓ ଜଳବିଦ୍ୟୁତ୍ ପ୍ରକଳ୍ପମାନ ଦେଖୁଛି । କହିବା ବାହୁଲ୍ୟ ଯେ ଏହା ଚୀନର ଚରମ ସ୍ୱାର୍ଥ-ସର୍ବସ୍ୱ ମନୋଭାବର ପରିଚାୟକ, ଯାହା ସଂପ୍ରତି ସମାଲୋଚନାର ଶରବ୍ୟ ହେଉଛି । କିନ୍ତୁ ଚୀନ ତା'ର ସ୍ୱଭାବସୁଲଭ ଢଙ୍ଗରେ ପଶ୍ଚାତ୍ତାପ କରିବାକୁ ପଶ୍ଚାତ୍‌ପଦ । ଜାତିସଂଘ ଦ୍ୱାରା, ୧୯୯୭ ମସିହାରେ ଗୃହୀତ ଆନ୍ତର୍ଜାତିକ ନଦୀ ଜଳ ବଣ୍ଟନ ଚୁକ୍ତିନାମାରେ ସ୍ୱାକ୍ଷର କରି ନ ଥିବା ହେତୁ, ଅନେକ ବିଶାଳ ଓ ଚିରସ୍ରୋତା ନଦୀର ଉପର ମୁଣ୍ଡରେ ଅବସ୍ଥିତ ଥିଲେ ହେଁ ତଳ ମୁଣ୍ଡର ରାଷ୍ଟ୍ରଗୁଡ଼ିକ ଲାଗି ଚୀନ କୌଣସି ଦାୟିତ୍ୱ ସ୍ୱୀକାର କରି ନ ଥାଏ । ବରଂ ଏହି ଦୁର୍ବିପାକ ପରେ ଦେଖିବାକୁ ମିଳିଛି ଯେ ବିଦେଶୀ ସାମ୍ବାଦିକଙ୍କ ତିବ୍ୱତ ପ୍ରବେଶକୁ ଚୀନ ପକ୍ଷରୁ ନିଷେଧ କରାଯାଇଛି ଏବଂ ସାମାଜିକ ଗଣମାଧ୍ୟମରେ ଚୀନ ସରକାରଙ୍କୁ ଅପଦସ୍ଥ କଲା ଭଳି ତଥ୍ୟର ପ୍ରସାରଣକୁ କଠୋର ଭାବେ ଦଣ୍ଡନୀୟ କରାଯାଇଛି, ଯେଉଁ କାରଣରୁ ଏହି ଦୁର୍ବିପାକରେ କେବଳ ତିବ୍ୱତରୁ ନିରୁଦ୍ଦିଷ୍ଟ ଓ ମୃତକଙ୍କ ସଂଖ୍ୟା ୭୦୦ରୁ ଅଧିକ ବୋଲି ଆକଳନ କରାଯାଉଥିବା ବେଳେ ଚୀନ ପକ୍ଷରୁ ତାହାକୁ ମାତ୍ର ୧୬ରେ ସୀମିତ କରି ରଖାଯାଇଛି । ଏହା ହିଁ ଦୁର୍ଭାଗ୍ୟ ! କନଫୁସିଅସ ହେଉଛନ୍ତି ଚୀନର ସର୍ବାଧିକ ମୂଲ୍ୟବାନ ବୌଦ୍ଧିକ ସଂପଦ । ତେଣୁ ବୋଧହୁଏ କନଫୁସିଅସଙ୍କ ମତବାଦ ଅନୁସାରୀ 'ପ୍ରଗତି'ର ଅନ୍ଧ ସ୍ତାବକ ହେଉଛି ଏହି ଦେଶ । ସେଦିନ ସେହି ଅନାମଧେୟ ଓ ଖୁବ୍ ସମ୍ଭବ ଅଶିକ୍ଷିତ ବୃଦ୍ଧ ତାଙ୍କ ଉକ୍ତିରେ ଯେଉଁ ପ୍ରଜ୍ଞାର ଝଲକ ଦେଖାଇଥିଲେ, ତାହା କନଫୁସିଅସଙ୍କ ବୌଦ୍ଧିକ ଦୃଷ୍ଟିର ଦୂରତାକୁ ମଧ ଅତିକ୍ରମ କରି ଯାଇଥିଲା । ସେ ଦିନ ବୃଦ୍ଧ ତାଙ୍କ ନାତିର ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହୋଇ ଉଠିଥିଲେ ! ଅବଶ୍ୟ, ତରୁଣ ନାତିଟି, ଦିନେ, ଘୋଡ଼ାଟିଏ ବନ୍ଦୋବସ୍ତ କରି ଜମି ଚାଷ କରିବା ଆରମ୍ଭ କରିଥିବ ଏବଂ ବୃଦ୍ଧ ରହି ଯାଇଥିବେ ପ୍ରକୃତିର ଆଶୀର୍ବାଦକୁ ଜୀବନର କେନ୍ଦ୍ର କରି ବଚଂଥିବା ଅପାଙ୍‌କ୍ତେୟ ପିଢ଼ିଗୁଡ଼ିକର ଜଣେ ପ୍ରତିନିଧି ହୋଇ ! ଇତିମଧ୍ୟରେ, ଏହି ଘଟଣାର ପ୍ରାୟ ତିନି ହଜାର ବର୍ଷ ବିତି ସାରିଲାଣି । ଏବେ ଦେଖିବାକୁ ମିଳୁଛି ଯେ ସେହି 'ପ୍ରଗତି'ର ସମ୍ମୋହନ ଭିତରେ ମାନବ ଜାତି (ବୃଦ୍ଧଙ୍କ ନାତି ଭଳି) କେବଳ ତା'ର ସ୍ୱାସ୍ଥ୍ୟ ହରାଇ ନାହିଁ, ତାହାର ସମଗ୍ର ଅସ୍ତିତ୍ୱ ହରାଇବାକୁ ବସିଲାଣି ! ଏବଂ ପ୍ରଗତିର ଏହି ଜୟଯାତ୍ରାରେ ପରାହତ ଭଳି ପ୍ରତୀତ ହେଉଥିବା ପ୍ରକୃତି ତା' ନିଜ ମାର୍ଗରେ ପ୍ରତିଶୋଧ ନେଇ ପୃଥିବୀକୁ ଟଳମଳ କରି ପକାଇଲାଣି ! ଏ କଥା କିନ୍ତୁ ସେ ଦିନ ଦାର୍ଶନିକ କନଫୁସିଅସ କି ଦୂରଦ୍ରଷ୍ଟା ସେହି ବୃଦ୍ଧ ; କାହାକୁ ହେଲେ ଦିଶି ନ ଥିଲା ।

# ଗାନ୍ଧୀ ଦୃଷ୍ଟି : ଗାନ୍ଧୀ ଓ ସର୍ବପଲ୍ଲୀ

## ଗୌରାଙ୍ଗ ଚରଣ ପରିଡ଼ା

ମହାତ୍ମା ଗାନ୍ଧୀ ଓ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ସମ୍ପର୍କକୁ କିପରି ମୂଲ୍ୟାଙ୍କନ କରାଯାଇପାରେ ? ହୋଇପାରେ, ଏ ସମ୍ପର୍କ ଥିଲା ସକ୍ରେଟିସ୍ ଓ ପ୍ଲାଟୋଙ୍କ ପରି କିମ୍ବା ପ୍ଲାଟୋ ଓ ଆରିଷ୍ଟୋଟ୍ ?ଲଙ୍କ ପରି । ଗାନ୍ଧୀ ଓ ସର୍ବପଲ୍ଲୀ ଯେତେବେଳେ ପରସ୍ପର ସହ ମିଶୁଥିଲେ ଓ ପତ୍ରାଳାପ କରୁଥିଲେ, ସେତେବେଳେ ସେଥିରେ ପରସ୍ପର ପ୍ରତି କିଛି ପ୍ରଶ୍ନ ଥିଲା, ଏବଂ ଉତ୍ତର ପାଇଁ ବି ଜିଜ୍ଞାସା ଥିଲା । ରାଧାକୃଷ୍ଣନ ଥିଲେ ଧର୍ମ ଓ ଦର୍ଶନର ଜଣେ ତତ୍ତ୍ୱବିତ୍ ଏବଂ ଧର୍ମକୁ ଜୀବନରେ ପ୍ରୟୋଗ କରୁଥିଲେ ଗାନ୍ଧୀଜୀ । ୧୯୩୫ ମସିହା ଜାନୁଆରି ୨୩ ତାରିଖରେ ଗାନ୍ଧୀଜୀ ଦିଲ୍ଲୀରେ ଥିବାବେଳେ ରାଧାକୃଷ୍ଣନ ଗାନ୍ଧୀଙ୍କୁ କହିଲେ, ''ବାପୁ, ମୋର ଆପଣଙ୍କୁ ତିନିଟି ପ୍ରଶ୍ନ ଅଛି । ଆପଣଙ୍କ ଉତ୍ତର ମୁଁ ଆପଣଙ୍କ ଜୀବନୀ ନେଇ ଲେଖୁଥିବା ପୁସ୍ତକରେ ସ୍ଥାନିତ କରିବି । ମୋର ପ୍ରଥମ ପ୍ରଶ୍ନ ହେଉଛି, ଆପଣଙ୍କ ଧର୍ମ କ'ଣ ?'' ଗାନ୍ଧୀ ଉତ୍ତର ଦେଲେ, ''ମୋର ଧର୍ମ ହେଉଛି ହିନ୍ଦୁ ଧର୍ମ । ପୃଥିବୀର ଯେଉଁସବୁ ଧର୍ମ ସମ୍ପର୍କରେ ମୁଁ ପଢ଼ିଛି ଓ ଜାଣିଛି, ସେ ସବୁର ସାରକଥା ହିନ୍ଦୁ ଧର୍ମରେ ଅଛି ।'' ରାଧାକୃଷ୍ଣନଙ୍କ ଦ୍ୱିତୀୟ ପ୍ରଶ୍ନ ଥିଲା, ''ବାପୁ, ଆପଣ ଆପଣଙ୍କ ଧର୍ମ ପାଳନ କରନ୍ତି କିପରି ?'' ଗାନ୍ଧୀଙ୍କ ଉତ୍ତର ଥିଲା, ''ମୋ ଧର୍ମ ପାଳନର ଆଧାର ହେଉଛି ସତ୍ୟ ଓ ଅହିଂସା । ପ୍ରେମ ଓ ଭାଇଚାରାରେ ଏହାର ପ୍ରକାଶ୍ୟ ରୂପ ଥାଏ । ମୁଁ ପ୍ରଥମେ ଈଶ୍ୱର ହିଁ ସତ୍ୟ ବୋଲି କହୁଥିଲି । ପରେ ଏଥିରେ ପରିବର୍ତ୍ତନ ଆଣି କହିଛି, ସତ୍ୟ ହିଁ ଈଶ୍ୱର । କାରଣ, ପୃଥିବୀରେ ଅନେକ ବ୍ୟକ୍ତି ଅଛନ୍ତି ଯିଏ ଈଶ୍ୱରଙ୍କ ସତ୍ତାକୁ ଅସ୍ୱୀକାର କରିଥାଆନ୍ତି, କିନ୍ତୁ ଏଠି କେହି ନାହାନ୍ତି ଯିଏ ସତ୍ୟକୁ ଅସ୍ୱୀକାର କରିଛନ୍ତି ।'' ରାଧାକୃଷ୍ଣନଙ୍କ ଗାନ୍ଧୀଙ୍କୁ ତୃତୀୟ ପ୍ରଶ୍ନ ଥିଲା, ''ସାମାଜିକ ଜୀବନ ଉପରେ ଆପଣଙ୍କ ଧର୍ମ ପାଳନର ପ୍ରଭାବ କ'ଣ ?'' ଗାନ୍ଧୀ ଉତ୍ତର ଦେଇଥିଲେ, ''ମୁଁ ମୋ ଧର୍ମ ପାଳନରେ ସେବାକୁ ପ୍ରାଥମିକତା ଦିଏ । ସେବାରେ ତ୍ୟାଗ ନ ଥିଲେ, ଏହାକୁ ପାପ ବୋଲି କୁହେ । ସେବା ଜୀବନର ସବୁ ପର୍ଯ୍ୟାୟକୁ ଛୁଇଁଥାଏ ଏବଂ ଏ କଥା ବି କୁହେ, ନିଜକୁ ଖୋଜି ପାଇବାକୁ ହେଲେ ସମାଜସେବାରେ ନିଜକୁ ହଜେଇ ଦେବା ଦରକାର ।'' ଧର୍ମ ଓ ଦର୍ଶନ ଉପରେ ଗାନ୍ଧୀଙ୍କ ଏ ଉତ୍ତର ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଗାନ୍ଧୀ ଜୀବନୀ ପୁସ୍ତକ, 'ମହାତ୍ମା ଗାନ୍ଧୀ: ଏସେଜ ଆଣ୍ଡ୍ ରିଫ୍ଲେକ୍ସନ ଅନ ହିଜ ଲାଇଫ ଆଣ୍ଡ୍ ୱାର୍କସ'ରେ ଉଲ୍ଲେଖ ରହିଛି । ଗାନ୍ଧୀଜୀ ପ୍ରଥମେ ସର୍ବପଲ୍ଲୀଙ୍କୁ ଦେଖିଥିଲେ ୧୯୧୫ ମସିହା ଏପ୍ରିଲ ମାସରେ ମାଡ୍ରାସରେ, ଜି. ଏ. ନାଟେସନଙ୍କ ଘରେ । ସେଠି ଏକ ଆଲୋଚନା ପ୍ରସଙ୍ଗରେ ଗାନ୍ଧୀଜୀ ସର୍ବପଲ୍ଲୀଙ୍କୁ ଲକ୍ଷ୍ୟ କରି କହିଥିଲେ, ''ଆପଣ ଗାଈ କ୍ଷୀର ଖାଆନ୍ତୁ ନାହିଁ, ସେଥିରେ ଗୋ-ମାଂସର ସୂକ୍ଷ୍ମ ଗୁଣ ଅଛି ।'' ସର୍ବପଲ୍ଲୀଙ୍କ ଗାନ୍ଧୀଙ୍କୁ ପାଲଟା ପ୍ରଶ୍ନ ଥିଲା, ''ତେବେ ମା' କ୍ଷୀରରେ କ'ଣ ମଣିଷ ମାଂସର ଗୁଣ ଅଛି ?'' ଆଲୋଚନା ଯୁକ୍ତିରେ ବଦଳୁଥିବା ଦେଖି ନାଟେସନ କହିଲେ, ''ବାପୁ, ଏ ଯୁବକ ହେଉଛନ୍ତି ସର୍ବପଲ୍ଲୀ ରାଧାକୃଷ୍ଣନ । ସେ ସ୍ଥାନୀୟ ପ୍ରେସିଡେନ୍ ?ସି କଲେଜରେ ତର୍କଶାସ୍ତ୍ରର ଅଧ୍ୟାପକ ଅଛନ୍ତି ।'' କିଛି ଦିନ ପରେ ଗାନ୍ଧୀ ନାଟେସନଙ୍କୁ ଏକ ଚିଠି ଲେଖି ଜଣାଇଲେ, ''ମୋତେ ଯୁବକ ରାଧାକୃଷ୍ଣନ ବହୁତ ଭଲ ଲାଗିଛନ୍ତି । ସତ୍ୟସନ୍ଧାନୀ, ବୁଦ୍ଧିମାନ୍ ? ।'' ଉଭୟେ ଗାନ୍ଧୀଜୀ ଓ ସର୍ବପଲ୍ଲୀ ପରସ୍ପରକୁ ସମ୍ମାନ କରୁଥିଲେ । ସର୍ବପଲ୍ଲୀଙ୍କୁ ଚିଠି ଲେଖିଲା ବେଳେ ଗାନ୍ଧୀ ସମ୍ବୋଧନ କରୁଥିଲେ, ଡିୟର 'ସାର ରାଧାକୃଷ୍ଣନ । ସର୍ବପଲ୍ଲୀଙ୍କ ଗାନ୍ଧୀଜୀଙ୍କୁ ସମ୍ବୋଧନ ଥିଲା- 'ମାଇଁ ଡିୟର, ବାପୁ' । ଭାରତୀୟ ଧର୍ମ, ଆଧ୍ୟାତ୍ମିକତା, ବେଦ, ବେଦାନ୍ତ, ସଂସ୍କାର ନେଇ ରାଧାକୃଷ୍ଣନଙ୍କ ବ୍ୟାଖ୍ୟା ଗାନ୍ଧୀଙ୍କୁ ଭଲ ଲାଗୁଥିଲା । ଆଧୁନିକ ବିଶ୍ୱ ପାଇଁ ଏହା ପ୍ରାସଙ୍ଗିକ ଥିଲା । ସେମିତି ବି ଗାନ୍ଧୀଙ୍କ ନୀତିବାଦୀ ସରଳ ଜୀବନର ପ୍ରଶଂସକ ଥିଲେ ପ୍ରଫେସର ରାଧାକୃଷ୍ଣନ । ସର୍ବପଲ୍ଲୀଙ୍କ ପ୍ରାୟ ସମସ୍ତ ଦୀକ୍ଷାନ୍ତ ଭାଷଣକୁ ଗାନ୍ଧୀଜୀ ଖୁବ୍ ମନ ଦେଇ ପଢ଼ନ୍ତି । ପ୍ରଶଂସା କରନ୍ତି; ସମାଲୋଚନା ବି କରନ୍ତି । ପାଟଣା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ସର୍ବପଲ୍ଲୀ ଦେଇଥିବା ଭାଷଣ ପଢ଼ି ଗାନ୍ଧୀ ୧୯୪୦ ମସିହା ଡିସେମ୍ବର ମାସ ୨୮ ତାରିଖରେ ଚିଠି ଲେଖି ଜଣେଇଲେ, ''ପ୍ରିୟ ରାଧାକୃଷ୍ଣନ, ତୁମେ ଯେଉଁ ଭାଷଣର କପି ମୋ ପାଖକୁ ପଠାଇଥିଲ, ମୁଁ ତାକୁ ପଢ଼ିଲି । ଭାଷା ତୁମର ନିଜସ୍ୱ । ତୁଳନା ନାହିଁ । ଶିକ୍ଷା, ସଭ୍ୟତା, ସଂସ୍କୃତି, ଯୁଦ୍ଧ ଉପରେ ତୁମେ ଯେଉଁ ମତ ରଖିଛ, ଖୁବ୍ ଚମତ୍କାର । ଉତମ ତଥା ଶ୍ରେଷ୍ଠ ଗୁରୁ ପରି କହିଛ । କିନ୍ତୁ ଅହିଂସା ଉପରେ ତୁମେ ଦେଇଥିବା ବକ୍ତବ୍ୟ ମୋତେ ହତାଶ କରିଛି । ବହୁତ ଦୁର୍ବଳ ମନ୍ତବ୍ୟ ଥିଲା । ଅହିଂସାର ବି ଏକ ଶକ୍ତ ଦଂଶନ ଶକ୍ତି ଅଛି ।'' ୧୯୫୮ ମସିହା ଅଗଷ୍ଟ ୧୫ ତାରିଖରେ ଗାନ୍ଧୀଜୀଙ୍କ ଲେଖାକୁ ନେଇ ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ଏକ ପୁସ୍ତକ ପ୍ରକାଶ କରିଥିଲେ । ପୁସ୍ତକର ନାଁ ଥିଲା 'ଅଲ୍ ମେନ୍ ଆର୍ ବ୍ରଦର୍ସ' । ଏହାର ମୁଖବନ୍ଧ ଭାରତର ତତ୍‌କାଳୀନ ଉପରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକୃଷ୍ଣନ ଲେଖିଥିଲେ । ମୁଖବନ୍ଧର ଉପସଂହାରରେ ଏକ ଆବେଗିକ ସ୍ୱରରେ ରାଧାକୃଷ୍ଣନ ଲେଖିଛନ୍ତି, ଆମର ଗର୍ବ ଯେ ଏଠି ଗାନ୍ଧୀ ନାମରେ ଆମ ପିଢ଼ିର ଜଣେ ସର୍ବଶ୍ରେଷ୍ଠ ପୁରୁଷ ଦିନେ ଆମ ଗହଣରେ ଥିଲେ । ଆମ ସହ ଚାଲୁଥିଲେ । ଏକ ସଭ୍ୟ ସରଳ ଜୀବନ ନିଜେ ଜିଉଁଥିଲେ ଏବଂ ଜିଇଁବାକୁ ଶିଖାଉଥିଲେ । ସତ କହିବାକୁ କହୁଥିଲେ । ନିର୍ଭୟର ମନ୍ତ୍ର ଦେଉଥିଲେ । ଯୁଦ୍ଧକୁ ମନା କରୁଥିଲେ । ସତ୍ୟ ଅହିଂସା ମାର୍ଗରେ ଚାଲୁଥିଲେ । ଆମେ ଆଜି ଏପରି ଏକ ସମୟ ଭିତରେ ଅଛୁ ଯେଉଁଠି ଅସହିଷ୍ଣୁତା ବଢୁଛି । ପୁରୁଣା ନୀତିବାଦୀ ସଂସ୍କୃତି ଭାଙ୍ଗୁଛି । ମୁକ୍ତି ପାଇଁ ତେଣୁ ଗାନ୍ଧୀଙ୍କୁ ଖୋଜୁଛୁ । ଠିକ୍ ଯେମିତି ଦାର୍ଶନିକ ପ୍ଲାଟୋଙ୍କ ଭାଷାରେ, ''କିଛି ପ୍ରେରଣାଦାୟୀ ମହାପୁରୁଷଙ୍କୁ ତାଙ୍କ ମୃତପରେ ବି ଖୋଜା ଯାଇଥାଏ ।''

# ଚାପ-ଗ୍ରସ୍ତ ଛାତ୍ରତ୍ୱର କାରୁଣ୍ୟ !

## ଅରୁଣ କୁମାର ମହାରଣା

ମା ନବ ସଭ୍ୟତାର ସୁଦୀର୍ଘ ଇତିହାସରେ ଛାତ୍ର ଜୀବନକୁ ସବୁଠାରୁ ସ୍ୱର୍ଣ୍ଣିମ, ସୁକୁମାର, ଅନାବିଳ ଏବଂ ସୃଜନଶୀଳ ଅଧ୍ୟାୟ ଭାବେ ଅଭିହିତ କରାଯାଏ, ଯେଉଁଠାରେ ମାନସିକ ଚେତନାର ବିକାଶ ଘଟେ ଓ ଜ୍ଞାନର ଅମୃତ ଆଲୋକରେ ନୂତନ ସ୍ୱପ୍ନର ନବକଳେବର ସୃଷ୍ଟି ହୁଏ । ଏହା ହେଉଛି ସେହି ପବିତ୍ର ପ୍ରାତଃକାଳ ଯେଉଁଠାରେ ମାନବିକ ମୂଲ୍ୟବୋଧର ବିଜାରୋପଣ ହୁଏ, ସାମାଜିକ ଦାୟିତ୍ୱବୋଧର ଅଭ୍ୟୁଦୟ ଘଟେ, ନୈତିକ ଚରିତ୍ର ଗଠନର ଅମୂଲ୍ୟ ଭିତିପ୍ରସ୍ତର ସ୍ଥାପିତ ହୁଏ ଏବଂ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ଉତ୍କର୍ଷତା ପ୍ରତିପାଦିତ ହୋଇଥାଏ । ଏହି ଅଧ୍ୟାୟରେ ହିଁ ମାନସିକ ଜଗତର କଳ୍ପନାଶକ୍ତି ପ୍ରସାରିତ ହୋଇ ଜଣେ ଶିକ୍ଷାର୍ଥୀକୁ ଭବିଷ୍ୟତର ଜଣେ ଯୋଗ୍ୟ ନାଗରିକ ତଥା ଦିଗଦର୍ଶକ ଭାବେ ଗଢ଼ିତୋଳିବାର ମହାନ ପ୍ରକ୍ରିୟା ଆରମ୍ଭ ହୋଇଥାଏ, ଯାହା ସମଗ୍ର ସୃଷ୍ଟିକୁ ନୂତନ ଚେତନା ପ୍ରଦାନ କରେ । ମାତ୍ର ସାମ୍ପ୍ରତିକ ସମୟର ଅତି-ପତିଯୋଗିତାମୂଳକ, ଯାନ୍ତ୍ରିକ, ଜଟିଳ ତଥା କୃତ୍ରିମ ସହରୀ ଜୀବନଶୈଳୀ ମଧ୍ୟରେ ଏହି ବିକାଶର ସୁବର୍ଣ୍ଣ ଯୁଗ ଧୀରେ ଧୀରେ ଏକ ଭୟଙ୍କର ମାନସିକ ଅବସାଦ, ଦୁର୍ବାର ଅସ୍ଥିରତା, ତୀବ୍ର ହୀନମନ୍ୟତା ଓ ନିରାଶାର କରାଳ ଗର୍ଭକୁ ଠେଲି ହୋଇଯାଉଛି । ମାର୍କ ଏବଂ ଗ୍ରେଡ୍ ପଛରେ ଧାବିତ ହେବାର ଏହି ପ୍ରାଣଘାତୀ ଅନ୍ଧ ଦୌଡ଼ ଏବଂ କୃତ୍ରିମ ସଫଳତାର ସର୍ବୋଚ୍ଚ ଶୀର୍ଷ ସ୍ପର୍ଶ କରିବା ପାଇଁ ପାରିପାର୍ଶ୍ୱିକ ଚାପ ଆଜିର କୋମଳମତି ଶିକ୍ଷାର୍ଥୀମାନଙ୍କ ମାନସିକ ସ୍ୱାଧୀନତା, ସ୍ୱାଭାବିକ କଳ୍ପନାଶକ୍ତି ଏବଂ ମାର୍ମିକ ପ୍ରଫୁଲ୍ଲତାକୁ ସମ୍ପୂର୍ଣ୍ଣ ଭାବେ ନିଷ୍ପେଷିତ କରିଦେଉଛି । ପିଲାମାନଙ୍କର ନିଷ୍ପାପ ମନ ଆଜି ଶିକ୍ଷାର ପ୍ରକୃତ ଆନନ୍ଦ ଉପଭୋଗ କରିବା ପରିବର୍ତ୍ତେ ନିରନ୍ତର ଏକ ଅଜ୍ଞାତ ଭୟ ଏବଂ ଆଶଙ୍କାର ବାତାବରଣ ମଧ୍ୟରେ ଶ୍ୱାସରୁଦ୍ଧ ହୋଇପଡୁଛି । ଯେଉଁ ବୟସରେ ମନ ମୁକ୍ତ ବିହଙ୍ଗ ଭଳି ଆକାଶରେ ଉଡ଼ିବା କଥା, ସେହି ବୟସରେ ଆଜିର ଅସହାୟ ଯୁବପିଢ଼ି ଅଦୃଶ୍ୟ ମାନସିକ ଶୃଙ୍ଖଳରେ ଆବଦ୍ଧ ହୋଇ ନିଜ ଅସ୍ତିତ୍ୱ ହରାଇ ହନ୍ତସନ୍ତ ହେଉଛନ୍ତି, ଯାହା କେବଳ କୌଣସି ବ୍ୟକ୍ତିଗତ କିମ୍ବା ପାରିବାରିକ ସମସ୍ୟା ହୋଇ ରହିନାହିଁ, ବରଂ ଏକ ସାମାଜିକ ବ୍ୟାଧି ଭାବେ ସମଗ୍ର ରାଷ୍ଟ୍ରର ମାନସିକ ସ୍ୱାସ୍ଥ୍ୟକୁ ସଙ୍କଟାପନ୍ନ କରିଛି । ଏହି ବିଷାଦଗ୍ରସ୍ତ ପରିସ୍ଥିତିର ମୂଳଦୁଆ ଆଧୁନିକ ଶିକ୍ଷା ବ୍ୟବସ୍ଥାର ସେହି ପୁସ୍ତକଗତ ବୋଝ, ଦୀର୍ଘାୟିତ ପାଠ୍ୟକ୍ରମ ଏବଂ ଶୁଷ୍କ ତଥା ରୁଢ଼ ମୂଲ୍ୟାୟନ ପଦ୍ଧତି ଉପରେ ପର୍ଯ୍ୟବସିତ, ଯାହା ଶିକ୍ଷାର୍ଥୀର ଭିନ୍ନ ସୃଜନଶୀଳ ଦକ୍ଷତା ଓ ବହୁମୁଖୀ ପ୍ରତିଭାକୁ ଆଦୌ ସ୍ୱୀକୃତି ପ୍ରଦାନ ନକରି କେବଳ କାଗଜର କିଛି ସଂଖ୍ୟା ବା ନମ୍ବର ଆଧାରରେ ତାର ଯୋଗ୍ୟତା ନିରୂପଣ କରେ । ଆଜିର ଶିକ୍ଷା ବ୍ୟବସ୍ଥା ବ୍ୟକ୍ତିର ମାନବିକ ଗୁଣାବଳୀ ବିକାଶ କରିବା ଏବଂ ଜୀବନର ପ୍ରକୃତ ଦର୍ଶନ ଶିଖାଇବା ପରିବର୍ତ୍ତେ ଏକ ଶିଳ୍ପସଂସ୍ଥା ଭଳି କାର୍ଯ୍ୟ କରୁଛି, ଯେଉଁଠାରେ କେବଳ ତଥ୍ୟ ଗୋଗ୍ରାସେ ଗିଳି ପରୀକ୍ଷା ଖାତାରେ ଉଦ୍‌ଗାରଣ କରିବାର କଳାକୁ ଉଚ୍ଚ ପ୍ରଶଂସା କରାଯାଏ, ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ଜ୍ଞାନ ଆହରଣର ପ୍ରକୃତ ମହତ୍ତ୍ୱ ଓ ସହଜ ଆନନ୍ଦ ହରାଇ ବସିଛନ୍ତି । ପରୀକ୍ଷା ବୋଲି କହିଲେ ଆଜି ଆତ୍ମ-ସମୀକ୍ଷା କିମ୍ବା ଜ୍ଞାନର ସମୃଦ୍ଧ ଆକଳନ ବୁଝାଉନାହିଁ, ବରଂ ଏକ ଭୟଙ୍କର ରକ୍ତପାତହୀନ ମାନସିକ ଯନ୍ତ୍ରଣାଶାଳା ବୁଝାଉଛି ଏବଂ ଏହି କଠୋର ବ୍ୟବସ୍ଥା ମଧ୍ୟରେ ପିଲାମାନେ ନିଜର ଜନ୍ମଗତ ସୃଜନଶୀଳତାକୁ ବଳିଦାନ ଦେଇ କେବଳ ଏକ ମେକାନିକାଲ ସୂଚନା ସଂଗ୍ରହକାରୀ ଯନ୍ତ୍ରରେ ପରିଣତ ହେଉଛନ୍ତି, ଯାହା ସେମାନଙ୍କର ପ୍ରଜ୍ଞା ବିକାଶକୁ ଅବରୁଦ୍ଧ କରୁଛି । ଶିକ୍ଷାର୍ଥୀଙ୍କ ଏହି ଗୁରୁତର ସମସ୍ୟାର ସମାଧାନ ପାଇଁ ସରକାରୀ ଶିକ୍ଷା ବ୍ୟବସ୍ଥାର ପ୍ରୟାସ ଏବଂ ଏହାର କାର୍ଯ୍ୟକାରିତା ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ, ଯେଉଁଠାରେ ବର୍ତ୍ତମାନର ଶିକ୍ଷା ନୀତିରେ ବ୍ୟାପକ ପରିବର୍ତ୍ତନ ଅଣାଯାଉଛି । ସରକାରୀ ସ୍ତରରେ ଜାତୀୟ ଶିକ୍ଷା ନୀତି (ଘରଚ) ମାଧ୍ୟମରେ କେବଳ ପୁସ୍ତକଗତ ବୋଝକୁ ହ୍ରାସ କରିବା ଏବଂ ଗ୍ରେଡ୍ ବଦଳରେ ପିଲାଙ୍କ ବ୍ୟବହାରିକ ଦକ୍ଷତା (ଝଳସକ୍ଷକ୍ଷ ଉରଙ୍ଗରକ୍ଷକ୍ଟକ୍ତ୍ର-ଙ୍କରଭଶ୍ବ) କୁ ମୂଲ୍ୟାୟନ କରିବାର ବ୍ୟବସ୍ଥା ଆରମ୍ଭ ହୋଇଛି । ସ୍କୁଲ ଏବଂ କଲେଜଗୁଡ଼ିକରେ ସରକାରଙ୍କ ପକ୍ଷରୁ 'ମାନସିକ ସ୍ୱାସ୍ଥ୍ୟ ସପ୍ତାହ' ଏବଂ 'ଟେଲି-ମାନସ' ଭଳି ମାଗଣା ମାନସିକ ସହାୟତା ହେଲ୍ପଲାଇନର ବ୍ୟବସ୍ଥା କରାଯାଉଛି, ଯାହା ଦ୍ୱାରା ଶିକ୍ଷାର୍ଥୀମାନେ ପରୀକ୍ଷା ସମୟରେ ବିନା କୌଣସି ଭୟରେ ବିଶେଷଜ୍ଞଙ୍କ ସହ ପରାମର୍ଶ କରିପାରୁଛନ୍ତି । ଏହା ସହିତ ସରକାରୀ ବିଦ୍ୟାଳୟଗୁଡ଼ିକରେ କେବଳ ଗୋଟିଏ ଶ୍ରେଣୀଗୃହର ପାଠପଢ଼ା ମଧ୍ୟରେ ସୀମିତ ନରହି ଖେଳକୁଦ, ଶାରୀରିକ ଶିକ୍ଷା, ଏବଂ ନିୟମିତ ଯୋଗ ପ୍ରଶିକ୍ଷଣକୁ ପାଠ୍ୟକ୍ରମର ଅନିବାର୍ଯ୍ୟ ଅଂଶ କରାଯାଉଛି । ତଥାପି ଏହି ସରକାରୀ ଯୋଜନାଗୁଡ଼ିକୁ କେବଳ କାଗଜପତ୍ର ମଧ୍ୟରେ ସୀମିତ ନରଖି ଗ୍ରାମାଂଚଳର ପ୍ରତ୍ୟେକଟି ବିଦ୍ୟାଳୟ ସ୍ତରରେ ଦୃଢ଼ତାର ସହ କାର୍ଯ୍ୟକାରୀ କରିବା ଏବଂ ବିଦ୍ୟାଳୟରେ ପେଶାଦାର ମାନସିକ ପରାମର୍ଶଦାତା (ଉକ୍ଟଙ୍କଭଶ୍ବରକ୍ଷକ୍ଟକ୍ସ) ନିଯୁକ୍ତ କରିବା ସରକାରୀ ଶିକ୍ଷା ପ୍ରଣାଳୀ ପାଇଁ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି । ଏହି ସମସ୍ୟାକୁ ଅଧିକ ଜଟିଳ, ସାଂଘାତିକ ଏବଂ ବେଗଗାମୀ କରୁଛି ଆମର ପାରିବାରିକ ମନୋଭାବ ଓ ସାମାଜିକ ସଂସ୍କୃତି, ଯେଉଁଠାରେ ଅଭିଭାବକମାନଙ୍କର ଅମାପ, ଅଯୌକ୍ତିକ, ଦୂରଭିସନ୍ଧିମୂଳକ ମାହତ୍ୱାକାଂକ୍ଷା ଅନେକ ସମୟରେ ସୁକୁମାର ପିଲାମାନଙ୍କ ପାଇଁ ଅଭିଶାପ ପାଲଟିଯାଏ । ବାପା-ମାଆମାନେ ନିଜ ଜୀବନର ଅପୂର୍ଣ୍ଣ ସ୍ୱପ୍ନ, ହାସଲ ହୋଇପାରିନଥିବା ଆକାଂକ୍ଷା ଓ ସାମାଜିକ ଅସଫଳତାକୁ ନିଜ ସନ୍ତାନମାନଙ୍କ ଉପରେ ଜୋର ଜବରଦସ୍ତ ଲଦି ଦିଅନ୍ତି ଏବଂ ସମାଜରେ ପ୍ରତି ମୁହୂର୍ତରେ ଚାଲିଥିବା ନିର୍ମମ ତୁଳନାତ୍ମକ ମନୋଭାବ ପିଲାଟିର ଅନ୍ତର୍ନିହିତ ଆତ୍ମବିଶ୍ୱାସକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦିଏ । ସମକକ୍ଷଙ୍କ ସହ ଏହି ଅସୁସ୍ଥ, କ୍ରୁର ପ୍ରତିଯୋଗିତା ଶିକ୍ଷାର୍ଥୀକୁ ଏକ ଅସମାପ୍ତ ମାନସିକ ଯୁଦ୍ଧକ୍ଷେତ୍ରକୁ ଠେଲିଦିଏ, ଯେଉଁଠାରେ ସାମାନ୍ୟ ପଛରେ ପଡ଼ିଯିବାର କାଳ୍ପନିକ ଭୟ ତାକୁ ପ୍ରତି ମୁହୂର୍ତରେ ଦଂଶନ କରିଥାଏ । ଆଧୁନିକ ଟେକ୍ନୋଲୋଜି, ସ୍ମାର୍ଟଫୋନ୍‌ର ସମ୍ମୋହନ ଓ ସାଇବର ଦୁନିଆର ଅନିୟନ୍ତ୍ରିତ ପ୍ରଭାବ ଏହି ଅଗ୍ନିରେ ଘୃତ ଆହୁତି ସଦୃଶ କାର୍ଯ୍ୟ କରି ପିଲାମାନଙ୍କୁ ପ୍ରକୃତିର ଶାନ୍ତ ସ୍ପର୍ଶ, ପାରମ୍ପରିକ ଖେଳକୁଦ ଓ ବାସ୍ତବ ସାମାଜିକ ସମ୍ପର୍କ ଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରିଦେଉଛି, ଯାହା ସେମାନଙ୍କୁ ନିଜ ପରିବାର ଏବଂ ନିଜ ଆତ୍ମୀୟମାନଙ୍କ ଠାରୁ ଦୂରେଇ ନେଇ ଏକ ଗଭୀର ନିଃସଙ୍ଗ ଗହ୍ୱର ଓ ଛଦ୍ମ ଦୁନିଆ ଆଡ଼କୁ ଆକର୍ଷିତ କରୁଛି । ଏହି ଦୁର୍ବାର, ଦୀର୍ଘସ୍ଥାୟୀ ତଥା ଅଦୃଶ୍ୟ ମାନସିକ ଚାପର ଭୟାବହ ପରିଣାମ ସ୍ୱରୂପ ଆଜିର ଛାତ୍ରଛାତ୍ରୀମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ସାଂଘାତିକ ବିପର୍ଯ୍ୟୟ ଓ ଅବକ୍ଷୟ ଦେଖାଯାଉଛି, ଯାହା ସେମାନଙ୍କ ବ୍ୟବହାରରେ ତୀବ୍ର ମାନସିକ ଅସ୍ଥିରତା, ଅହେତୁକ ଚିଡ଼ିଚିଡ଼ି ଭାବ, ସାମାନ୍ୟ କଥାରେ କ୍ରୋଧ, ମାନସିକ ବିକ୍ଷିପ୍ତତା ଏବଂ ଧୈର୍ଯ୍ୟହୀନତା ଆକାରରେ ପ୍ରକାଶ ପାଉଛି । ଏହା ସହିତ ଭୟାବହ ଅନିଦ୍ରା, ଦୀର୍ଘକାଳୀନ ମୁଣ୍ଡବିନ୍ଧା, ଭୋକ ନହେବା, ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଏବଂ କ୍ରମାଗତ କ୍ଲାନ୍ତି ଓ ଅବସାଦ ଭଳି ଶାରୀରିକ ବ୍ୟାଧି ସେମାନଙ୍କ ତେଜସ୍ୱିତାକୁ କ୍ଷୀଣ କରିଦେଉଛି ଏବଂ ଯେତେବେଳେ ଏହି ଅସହ୍ୟ ମାନସିକ ବୋଝ ସହ୍ୟ ସୀମାର ସର୍ବୋଚ୍ଚ ସୀମା ପାର୍ ହୋଇଯାଏ, ସେତେବେଳେ ପିଲାମାନେ ଜୀବନ ପ୍ରତି ବିତୃଷ୍ଣା ଭାବ ପୋଷଣ କରି ଚରମ ନିରାଶାର ବଶବର୍ତୀ ହୋଇ ଅତ୍ୟନ୍ତ ଦୁଃଖଦାୟକ ଓ ଆତ୍ମଘାତୀ ପଦକ୍ଷେପ ଗ୍ରହଣ କରିବାକୁ ମଧ ପଛାନ୍ତି ନାହିଁ, ଯାହା ଯେକୌଣସି ପ୍ରଗତିଶୀଳ ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ଏବଂ ଚିନ୍ତାଜନକ ବିଷୟ ଅଟେ । ଏଭଳି ଜଟିଳ ମାନସିକ ସଙ୍କଟଜନକ ପରିସ୍ଥିତିରୁ ଆମର ଆଗାମୀ ଭବିଷ୍ୟତ ପିଢ଼ିକୁ ମୁକ୍ତ କରିବା ପାଇଁ ସର୍ବପ୍ରଥମେ ଅଭିଭାବକମାନଙ୍କୁ ନିଜର ସଂକୀର୍ଣ୍ଣ ପାରମ୍ପରିକ ମାନସିକତା ବଦଳାଇବାକୁ ହେବ ଏବଂ ପିଲାଙ୍କ ସହ ସ୍ନେହପୂର୍ଣ୍ଣ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରି ସେମାନଙ୍କୁ ବାରମ୍ବାର ଏହା ବିଶ୍ୱାସ ଦେବାକୁ ହେବ ଯେ ଜୀବନର ଯାତ୍ରାରେ ପରୀକ୍ଷାର ମାର୍କ ଅପେକ୍ଷା ସେମାନଙ୍କର ଅସ୍ତିତ୍ୱ, ସ୍ୱାସ୍ଥ୍ୟ ଏବଂ ଆନ୍ତରିକ ଖୁସି ଅତି ଗୁରୁତ୍ୱପୂର୍ଣ୍ଣ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ଜିଲ୍ଲାସ୍ତରୀୟ 'ଦିଶା' ବୈଠକ ଅନୁଷ୍ଠିତ: ଜଳସେଚନ, ରେଳବାଇ, ଟେଲିକମ୍ ଏବଂ ସୌର ଶକ୍ତିର ବିକାଶ ଉପରେ ଗୁରୁତ୍ୱ



ସମ୍ବଲପୁର,୯/୯(ନି/ପ୍ର): ସମ୍ବଲପୁର ର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନ ଦ୍ୱାରା ସମ୍ବଲପୁର ର ବିକାଶମୂଳକ କାର୍ଯ୍ୟକ୍ରମର ସମନ୍ୱୟ ଓ କାର୍ଯ୍ୟକାରିତା ଉପରେ ଏକ ସମୀକ୍ଷା (ଦିଶା) କମିଟିର ବୈଠକ ସାଂସଦ, ସମ୍ବଲପୁର ଧର୍ମେନ୍ଦ୍ର ପ୍ରଧାନ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ମୁଖ୍ୟତଃ ଜଳସେଚନ, ରେଳବାଇ, ଟେଲିକମ୍ ଓ ବିଦ୍ୟୁତ ବିଭାଗର କାର୍ଯ୍ୟକାରିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।ଜିଲ୍ଲାରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବୈଠକରେ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯାଇଛି ବୋଲି ସାଂସଦ, ସମ୍ବଲପୁର ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ବର୍ତ୍ତମାନ ଜିଲ୍ଲାର ପ୍ରାୟ ୫୦ ପ୍ରତିଶତ ଚାଷଜମି ଜଳସେଚିତ ଥିବା ବେଳେ ଧନକଉଡ଼ା ଓ ମାନେଶ୍ୱର ଭଳି ବ୍ଲକରେ ଏହା ୭୦ ରୁ ୮୦ ପ୍ରତିଶତ ରହିଛି ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ । ଜିଲ୍ଲାର ବର୍ତ୍ତମାନର ୮୦,୦୦୦ ହେକ୍ଟର ଜଳସେଚିତ ଜମି ସହିତ ଆଗାମୀ ୨ ରୁ ୫ ବର୍ଷ ମଧ୍ୟରେ ଆଉ ୫୦,୦୦୦ ହେକ୍ଟର ଜମି ଯୋଡ଼ିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ମହାନଦୀ କମାଣ୍ଡ ଅଚଂଳର ନାଳ, ଝରଣା, ବନ୍ଧ, କଟା ଓ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ବ୍ୟବସ୍ଥାକୁ ଉପଯୋଗ କରି ଏକ 'ଜିଲ୍ଲା ହାଇଡ୍ରୋଲୋଜି ମ୍ୟାପିଂ' ପ୍ରସ୍ତୁତ କରିବା ସହ ବୃହତ, କ୍ଷୁଦ୍ର, ମେଗା ଲିଫ୍ଟ, ଡିଆରଡିଏ ଓ ମୃତ୍ତିକା ସଂରକ୍ଷଣ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବ ବୋଲି ସେ କହିଥିଲେ । ମେଗା ଲିଫ୍ଟ ଇରିଗେସନ କ୍ଷମତାକୁ ୧୩,୦୦୦ ହେକ୍ଟରରୁ ଦ୍ୱିଗୁଣିତ କରିବା ଏବଂ ନାକ୍ଟିଦେଉଳ, ରେଢ଼ାଖୋଲ, କୁଚିଣ୍ଡା, ବାମରା ଓ ଜମନକିରା ଭଳି ଉଚ୍ଚାଚଂଳରେ ପିଏମ୍-କୁସୁମ ଯୋଜନାରେ ବ୍ୟାପକ ସୌର ପମ୍ପ ସଂଯୋଗ ଯୋଗାଇଦେବାକୁ ପରାମର୍ଶ ଦିଆଯାଇଛି । ଏହା ସହିତ ହୀରାକୁଦ କେନାଲର ଜୀର୍ଣ୍ଣୋଦ୍ଧାର ଏବଂ ଅଯୋଧ୍ୟା ସାଗର ଭଳି ଇନଷ୍ଟ୍ରିମ୍ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଉପରେ ଆଲୋଚନା ହୋଇଥିଲା ବୋଲି ଶ୍ରୀ ପ୍ରଧାନ କହିଥିଲେ ।ରେଳବାଇ ଭିତ୍ତିଭୂମି ସମ୍ପର୍କରେ ସୂଚନା ଦେଇ ସାଂସଦ ପ୍ରକାଶ କରିଛନ୍ତି ଯେ ପ୍ରାୟ ୩୫୦ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ମୁଖ୍ୟ ରେଳ ଷ୍ଟେସନର ନବକଳେବର କରାଯାଉଛି । ଏହା ସହିତ ହୀରାକୁଦ, ସମ୍ବଲପୁର ସିଟି, ରେଢ଼ାଖୋଲ ଓ ରେଙ୍ଗାଲି ଷ୍ଟେସନର ଆଧୁନିକୀକରଣ ତଥା ତୃତୀୟ ଓ ଚତୁର୍ଥ ଲାଇନ ନିର୍ମାଣର ସମୀକ୍ଷା କରାଯାଇଛି । ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବରେଇପାଲି, ଅଇଁଠାପାଲି, କେନ୍ଦ୍ରୀୟ ବିଦ୍ୟାଳୟ ପାର୍ଶ୍ୱ ଏବଂ ବାଗଡ଼ିଆପଡ଼ା ଭଳି ରେଳ ଧାରଣାର ଉଭୟ ପାର୍ଶ୍ୱରେ ଥିବା ବସ୍ତି ବାସିନ୍ଦାଙ୍କ ସୁରକ୍ଷିତ ଯାତାୟାତ ପାଇଁ ପାଦଚଲା ଓଭରବ୍ରିଜ୍ ନିର୍ମାଣର ସମ୍ଭାବ୍ୟତା ଅନୁଧ୍ୟାନ କରିବାକୁ ରେଳ ବିଭାଗ ଓ ମ୍ୟୁନିସିପାଲ କର୍ପୋରେସନକୁ ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଥିଲେ । ସଭାର ଆରମ୍ଭରେ ଜିଲ୍ଲାପାଳ ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ), ସ୍ୱାଗତ ଭାଷଣ ଦେଇଥିଲାବେଳେ, ଶେଷରେ ଜିଲ୍ଲା ପରିଷଦ ର ଜିଲ୍ଲା ଉନ୍ନୟନ ଅଧିକାରୀ (ସିଡ଼ିଓ-କମ-ଇଓ) ପ୍ରସନ୍ନ କୁମାର ପାତ୍ର ଧନ୍ୟବାଦ ଭାଷଣ ପ୍ରଦାନ କରିଥିଲେ । ଏହି ବୈଠକ ରେ ମନ୍ତ୍ରୀ, ପଚାଂୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାର ଶ୍ରୀ ରବିନାରାୟଣ ନାୟକ, ବିଧାୟକ ସମ୍ବଲପୁର ଜୟନାରାୟଣ ମିଶ୍ର, ମାନ୍ୟବର ବିଧାୟକ ରେଙ୍ଗାଲି ସୁଦର୍ଶନ ହରିପାଲ, ଜିଲ୍ଲାପରିଷଦ ଅଧ୍ୟକ୍ଷା କୁମୁଦିନି ନାୟକ, ରେଢ଼ାଖୋଲ ବିଧାୟକ ଙ୍କ ପ୍ରତିନିଧି ହୀରାଲାଲ ବେହେରା, ଉତରାଂଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର(ଭା. ପ୍ର .ସେ), ଆଇଜି ଉତରାଂଚଳ ଚରଣ ସିଂହ ମୀନା (ଭ.ପୁ.ସେ), ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭା. ପ୍ର .ସେ), ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ(ଭ. ପୁ .ସେ) ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

## ମୋଟ ୯୮ଟି ଅଭିଯୋଗ ପଞ୍ଜୀକୃତ, ଘଟଣାସ୍ଥଳରେ ୧୭ଟିର ସମାଧାନ



ଝାରସୁଗୁଡ଼ା,୯/୯(ନି/ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ଶୁଣାଯାଇ ତାର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନିଆଯାଇଥିଲା। ଏହି ଶୁଣାଣି ଶିବିରରେ ମୋଟ ୯୮ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୧ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୨୭ଟି ସାମୂହିକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲ୍ଲାପାଳ ଓ ଉପସ୍ଥିତ ଅଧିକାରୀମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ୧୭ଟି ଅଭିଯୋଗର ଘଟଣାସ୍ଥଳରେ ସମାଧାନ କରିଥିଲେ। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ତୁରନ୍ତ ତଦନ୍ତ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରେଡକ୍ରସ ପାଣ୍ଠିରୁ ୨ ଜଣ ଅସହାୟ ହିତାଧିକାରୀଙ୍କୁ ଚିକିତ୍ସା ଓ ଆର୍ଥିକ ସହାୟତା ବାବଦକୁ ମୋଟ ୨୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଶୁଣାଣି ସମୟରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମିଜମା ବିବାଦ, ସରକାରୀ ଜମି ଆବଂଟନ, ଜବରଦଖଲ ଉଚ୍ଛେଦ, ଜମି ସୀମା ନିର୍ଦ୍ଧାରଣ (ଡିମାର୍କେସନ), ଡ୍ରେନେଜ୍ ବ୍ୟବସ୍ଥା, ରାସ୍ତାଘାଟ ନିର୍ମାଣ ଓ ମରାମତି, ଗ୍ରାମାଚଂଳ ତଥା ସହରାଂଚଳରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ଏବଂ ସାମାଜିକ ସୁରକ୍ଷା ଭତା (ପେନସନ) ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଲୋକେ ନିଜ ନିଜର ସମସ୍ୟା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ତହସିଲଦାରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ପଦାଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନୂତନ କ୍ୟାଟିଁନ ଉଦ୍‌ଘାଟିତ

ଝାରସୁଗୁଡ଼ା, ୯/୯(ନି/ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ନୂତନ କ୍ୟାଂଟିନର ଶୁଭ ଉଦ୍ଘାଟନ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କ୍ୟାଂଟିନକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି। ବହୁ ବର୍ଷ ଧରି ଅବ୍ୟବହୃତ ତଥା ଅଚଳ ହୋଇ ପଡ଼ିରହିଥିବା ପୁରୁଣା ପ୍ରେସ୍ ରୁମ୍ ର ସମ୍ପୂର୍ଣ୍ଣ ନବୀକରଣ କରାଯାଇ କ୍ୟାଂଟିନ ନିର୍ମାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ମାସକ ତଳେ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ନୂତନ ପ୍ରେସ୍ ରୁମ୍ ଉଦ୍ଘାଟନ କରିବା ପରେ ଏହି ପୁରୁଣା କୋଠାର କାୟାକଳ୍ପ କରି ଆଜି ଏହାକୁ କ୍ୟାଂଟିନ ରୂପେ ଲୋକାର୍ପଣ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଛନ୍ତି, 'ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ଏବଂ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଏହା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ନିୟମିତ ରୋଜଗାରକ୍ଷମ ହୋଇପାରିବେ। ଏହା ସହିତ ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ, ଯାହାଦ୍ୱାରା ପ୍ରତ୍ୟେକ ଲୋକ ନିରାପଦ ଓ ଉତମ ମାନର ଖାଦ୍ୟ ପାଇପାରିବେ।' ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ତଥା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିୟାରସିଂହ ଏବଂ ଓଡ଼ିଶା ଜୀବିକା ମିଶନର ଡିପିଏମ୍ ଡ. ପୁଷ୍ପଶ୍ରୀ ନାୟକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହାର ପରିଚାଳନା ଦାୟିତ୍ୱ ଝାରସୁଗୁଡ଼ା ବଡ଼େଇମୁଣ୍ଡାର 'ବିମଳା ସ୍ୱୟଂ ସହାୟକ ଗୋଷ୍ଠୀ' କୁ ହସ୍ତାନ୍ତର କରାଯାଇଛି। ଏଠାରେ ସମ୍ପୂର୍ଣ୍ଣ ସ୍ୱଚ୍ଛ, ପରିଷ୍କାର-ପରିଚ୍ଛନ୍ନ ତଥା ପୁଷ୍ଟିକର ଖାଦ୍ୟ ଉପଲବ୍ଧ ହେବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଏବଂ ସୁଲଭ ରିହାତି ଦରରେ ଉଚ୍ଚମାନର ଖାଦ୍ୟ ପାଇପାରିବେ।

# ବନ୍ଧବାହାଲରେ ନଭେମ୍ବର ୧୭ରୁ ବିପିଏଲ୍



ଝାରସୁଗୁଡ଼ା,୯/୯(ନି/ପ୍ର): ବିଓସିଏମ୍ ବଏଜ୍ କ୍ରିକେଟ ଆଣ୍ଡ ସ୍ପୋର୍ଟସ ଆସୋସିଏସନ୍ ପକ୍ଷରୁ ଆୟୋଜିତ 'ବନ୍ଧବାହାଲ ପ୍ରିମିୟର ଲିଗ୍' (ବିପିଏଲ୍) ଆସନ୍ତା ନଭେମ୍ବର ୧୭ରୁ ଆରମ୍ଭ ହେବ। ଏହାକୁ ନେଇ ସ୍ଥାନୀୟ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।ଆସୋସିଏସନ୍ ସଭାପତି ପ୍ରଶାନ୍ତ ଭାରତୀ ଓ ସମ୍ପାଦକ ରଶ୍ମିକାନ୍ତ କାଶ୍ୟପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଂଟ ଆୟୋଜିତ ହେଉଛି। ଚଳିତ ସଂସ୍କରଣରେ ମୋଟ ୮ଟି ଫ୍ରାଂଚାଇଜ୍ ଦଳ ଅଂଶଗ୍ରହଣ କରିବେ। ଟି-୨୦ ଫର୍ମାଟ୍ରେ ଖେଳାଯିବାକୁ ଥିବା ଏହି ଲିଗ୍ ପାଇଁ ଆୟୋଜକ କମିଟି ଓ ଫ୍ରାଂଚାଇଜ୍ ମାଲିକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ସେପ୍ଟେମ୍ବର ୨୫ରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦଳରେ ସର୍ବାଧିକ ୧୬ ଜଣ ଖେଳାଳି ରହିବେ। ଏଥିରୁ ଝାରସୁଗୁଡ଼ା ଜିଲ୍ଲାର ୧୧ ଜଣ ଖେଳାଳି ରହିବା ବାଧ୍ୟତାମୂଳକ ଥିବାବେଳେ ଅନ୍ୟ ଜିଲ୍ଲାରୁ ସର୍ବାଧିକ ୩ ଜଣ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇପାରିବ। ଏହାସହ ପ୍ରତ୍ୟେକ ଦଳର ଚୂଡ଼ାନ୍ତ ଏକାଦଶରେ ବନ୍ଧବାହାଲ ତଥା ଲଖନପୁର ବ୍ଲକ ଅଂଚଳର ଅତିକମ୍ ରେ ୨ ଜଣ ଖେଳାଳି ରହିବା ବାଧ୍ୟତାମୂଳକ କରାଯାଇଛି। ଲିଗ୍ ର ସମସ୍ତ ମ୍ୟାଚ୍ ଧଳା ଡିୟୁଜ୍ ବଲ୍ ରେ ଏବଂ ରଙ୍ଗୀନ ପୋଷାକରେ ଖେଳାଯିବ। ପ୍ରତିଦିନ ଦୁଇଟି ଲେଖାଏଁ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍ ସକାଳ ୮ଟା ୩୦ରେ ଏବଂ ଦ୍ୱିତୀୟ ମ୍ୟାଚ୍ ଅପରାହ୍ନ ୧୨ଟା ୩୦ରେ ଆରମ୍ଭ ହେବ। ଖେଳାଳି ପଞ୍ଜୀକରଣର ଶେଷ ତାରିଖ ସେପ୍ଟେମ୍ବର ୩୦ ରଖାଯାଇଛି। ଅକ୍ଟୋବର ୪ରେ ଖେଳାଳି ନିଲାମ ଅନୁଷ୍ଠିତ ହେବ। ଆଗ୍ରହୀ ଖେଳାଳିମାନେ ସେପ୍ଟେମ୍ବର ୩୦ ସୁଦ୍ଧା ନିଜ ନାମ ପଞ୍ଜୀକରଣ କରିବାକୁ ଆୟୋଜକ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।ସ୍ଥାନୀୟ କ୍ରିକେଟ ପ୍ରତିଭାଙ୍କୁ ଏକ ଉପଯୁକ୍ତ ମଂଚ ପ୍ରଦାନ କରିବା ଏହି ଟୁର୍ଣ୍ଣାମେଂଟ ର ମୁଖ୍ୟ ଲକ୍ଷ୍ୟ ବୋଲି ଜିଲ୍ଲା କ୍ରିକେଟ ଆସୋସିଏସନ୍ ସଭାପତି ପ୍ରଜ୍ୱଳ ପଟେଲ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନିରୁଦ୍ଧ କେଓ୍ୱଟ, ପ୍ରତୀକ ଯାଦବ, ସଦାନନ୍ଦ ତନ୍ତୀ, ଅଶୋକ ସ୍ୱାଇଁ ଓ ଆଲୋକ ସାହୁ ଉପସ୍ଥିତ ଥିଲେ।

# କଲଭର୍ଟ ମଝିରେ ବିରାଟ ଗର୍ତ୍ତ, ଦୁର୍ଘଟଣା ଆଶଙ୍କାରେ ଯାତ୍ରୀ

ଝାରସୁଗୁଡ଼ା,୯/୯(ନି/ପ୍ର): କୋଲାବିରା ବ୍ଲକ ଅନ୍ତର୍ଗତ ପରମାଣପୁର ଗ୍ରାମର ବେଦମନ୍ଦିର ଦେଇ କୋଲାବିରା ପଚାଂୟତର ସାହ୍ଲେପାଲିକୁ ସଂଯୋଗ କରୁଥିବା ରାସ୍ତାର ବଞ୍ଜାରିମୁଣ୍ଡା ନିକଟସ୍ଥ ପୁରୁଣା କଲଭର୍ଟ ଏବେ ମରଣଯନ୍ତା ପାଲଟିଛି। କଲଭର୍ଟର ମଝି ଭାଗରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ଦୁର୍ଘଟଣା ଆଶଙ୍କାରେ ରହିଛନ୍ତି। ସୂଚନା ଅନୁଯାୟୀ, କଲଭର୍ଟଟି ବହୁ ବର୍ଷ ପୁରୁଣା ହୋଇଥିବା ବେଳେ ଦୀର୍ଘଦିନ ଧରି ଏହାର ମରାମତି କରାଯାଇନାହିଁ। ଫଳରେ ଦିନକୁ ଦିନ ଏହାର ଅବସ୍ଥା ଦୁର୍ବଳ ହେବାରେ ଲାଗିଛି। ବର୍ତ୍ତମାନ କଲଭର୍ଟର ମଝିରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଦୁଇଚକିଆ ଯାନ ସମେତ ଅନ୍ୟ ଯାନବାହାନ ଚଳାଚଳ ବେଳେ ଗୁରୁତର ସମସ୍ୟା ଉପୁଜୁଛି। ବିଶେଷକରି ରାତି ସମୟରେ ଗର୍ତଟି ସହଜରେ ଦୃଷ୍ଟିଗୋଚର ହେଉନଥିବାରୁ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଯାତାୟାତ କରୁଛନ୍ତି। ବର୍ଷା ଋତୁକୁ ଛାଡ଼ି ଅନ୍ୟ ସମୟରେ ସାହ୍ଲେପାଲି, ଭେଜିକୁଦ, ତରେକେଲା ଓ ସମାସିଂହା ଅଚଂଳର ଲୋକଙ୍କ ପାଇଁ ଏହା ଏକ ପ୍ରମୁଖ ଯାତାୟାତ ରାସ୍ତା। ଏଥିସହ ସ୍ଥାନୀୟ ବେଦାନ୍ତ ଆଲୁମିନିୟମ କାରଖାନାରେ କାର୍ଯ୍ୟରତ ଶତାଧିକ ଶ୍ରମିକ ମଧ୍ୟ ଏହି ରାସ୍ତା ଉପରେ ନିର୍ଭରଶୀଳ। ରାସ୍ତାଟି ପଚାୟତ ଅଧୀନରେ ଥିବାବେଳେ କଲଭର୍ଟର ଦୁରବସ୍ଥା ସମ୍ପର୍କରେ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏଯାଏଁ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଗ୍ରାମର ଶ୍ରୀବତ୍ସ ପଧାନ, ଜୟକୃଷ୍ଣ ପଧାନ, ଜିତେନ୍ଦ୍ର ପଧାନ, ନିତ୍ୟାନନ୍ଦ ପଧାନ, ଭମର ସେଟ, ସତ୍ୟବାନ ପଧାନ ଓ ରୋହିତ ସେଟଙ୍କ ସମେତ ସ୍ଥାନୀୟ ଲୋକେ କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ କଲଭର୍ଟର ତୁରନ୍ତ ମରାମତି କରିବା ସହ ଯାତାୟାତ ପାଇଁ ସୁରକ୍ଷିତ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ଏଚ୍.ଆଇ.ଭି/ ଏଡ଼ସ୍ କୁଇଜ୍ ପ୍ରତିଯୋଗିତା

ଭଦ୍ରକ,୯/୯(ନି/ପ୍ର): ଭଦ୍ରକ ପି.ଏମ୍. ଶ୍ରୀ ଜିଲ୍ଲା ସ୍କୁଲଠାରେ ଆଜି ଏକ ଜିଲ୍ଲା ସ୍ତରୀୟ ଏଚ୍.ଆଇ.ଭି/ଏଡ଼ସ୍ କୁଇଜ୍ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜୁନିୟର ରେଡକ୍ରସ, ଭଦ୍ରକ ସମ୍ପୂର୍ଣ୍ଣ ସହଯୋଗ କରିଥିଲା। ଏହି ପ୍ରତିଯୋଗିତାରେ ଜିଲ୍ଲାର ୭ଟି ବ୍ଲକରୁ ମୋଟ ୧୪ ଜଣ ପ୍ରତିଯୋଗୀ ସେମାନଙ୍କ ଗାଇଡ୍ ଶିକ୍ଷକମାନଙ୍କ ସହ ଅଂଶଗ୍ରହଣ କରିଥିଲେ।

# ବଢ଼େଇମୁଣ୍ଡାକୁ ମାତ୍ ଦେଇ ଓଏମପିର ସେମିଫାଇନାଲ ପ୍ରବେଶ

ଝାରସୁଗୁଡ଼ା,୯/୯(ନି/ପ୍ର): କୋଲାବିରା ବ୍ଲକ ଅନ୍ତର୍ଗତ କୁଲିହାମାଲ ମିନି ଷ୍ଟାଡିୟମରେ ନୂଆଁଖାଇ ଉପଲକ୍ଷେ ଚାଲିଥିବା ବହୁ ପ୍ରସିଦ୍ଧ ଜ୍ୟୋତି ଏକାଦଶ ଫୁଟବଲ୍ ଟୁର୍ଣ୍ଣାମେଂଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ରେ ଆଦର୍ଶ କ୍ଲବ ଓଏମପି ଦଳ ବିଜୟୀ ହୋଇଛି। ଓଏମପି ୩-୧ ଗୋଲରେ ନବଯୁବକ ସଂଘ ବଢ଼େଇମୁଣ୍ଡାକୁ ପରାସ୍ତ କରି ଟୁର୍ଣ୍ଣାମେଂଟର ତୃତୀୟ ଦଳ ଭାବେ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ମ୍ୟାଚ୍ କୁ ଜାତୀୟ ରେଫରୀ କାର୍ତ୍ତିକ ଦାସଙ୍କ ସହ ରେଫରୀ ରତ୍ନାକର ସାଏ, ଗିରିଶ ପ୍ରଧାନ ଓ ରାଜକୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ। ଶ୍ରୀକାନ୍ତ କଉଡ଼ି ଓ ଅମିୟ ପଟେଲ ଧାରାବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍ ରେ ସମାସିଂହା ସମବାୟ ସମିତିର ସଭାପତି ତଥା ପୂର୍ବତନ ସରପଚଂ ହେମନ୍ତ ସାହୁ, ସମାସିଂହାର ପୂର୍ବତନ ସରପଚଂ କରୁଣାକର ସେଟ୍, ସମାଜସେବୀ ତଥା ସାମ୍ବାଦିକ ସୁକାନ୍ତ ସାହୁ, କିର୍ମିରା କଲେଜ ଅଧ୍ୟକ୍ଷ ଅରୁଣ କୁମ୍ଭାର, ସମାଜସେବୀ ସଲିଲ ପଟେଲ, ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ଲକ୍ଷ୍ମଣ ନାଏକ, ଗ୍ରାମ୍ୟ କମିଟି ସଭାପତି ସୌରେନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷକ ସପ୍ନେଶ୍ୱର ନାଏକ ଓ ଖିତିଚନ୍ଦ୍ର ନାଏକ, ସମାଜସେବୀ ପୁରୁଷୋତ୍ତମ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଂଟ ଆୟୋଜନରେ ଜ୍ୟୋତି ଏକାଦଶ କ୍ଲବର ନିରଞ୍ଜନ କିସାନ, ଲିପୁନ ନାଏକ, ଅନିଲ କିସାନ, ଗୁଲବଦନ ଜଗତ, ଜଗଦୀଶ ନାଏକ ଓ ଲକ୍ଷନ କିସାନଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଆସନ୍ତା ମଙ୍ଗଳବାର ସରବାହାଲ ଝାରସୁଗୁଡ଼ା ଓ ବିଏଫସି କୁଚିଣ୍ଡା ମଧ୍ୟରେ ସାହ୍ଲେପାଲି ଠାରେ ଟୁର୍ଣ୍ଣାମେଂଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଓଏମପି ୩-୧ ଗୋଲରେ ନବଯୁବକ ସଂଘ ବଢ଼େଇମୁଣ୍ଡାକୁ ପରାସ୍ତ କରି ଟୁର୍ଣ୍ଣାମେଂଟର ତୃତୀୟ ଦଳ ଭାବେ ସେମିଫାଇନାଲରେ ସ୍ଥାନ ପକ୍କା କରିଛି।

# ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗ ଦେଲେ ରାଜ୍ୟପାଳ




ସମ୍ବଲପୁର,୯/୯(ନି/ପ୍ର):ଚାକିରି ଓ ସୁଯୋଗକୁ ଅପେକ୍ଷା ନକରି ନିଜେ ସୁଯୋଗ ସୃଷ୍ଟି କରିବା ସହ ସମସ୍ୟା ସମାଧାନକାରୀ, ନବସୃଜନକାରୀ ଓ ଉଦ୍ୟୋଗୀ ହେବାକୁ ସ୍ନାତକମାନଙ୍କୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ସୋମବାର ଦିନ ବୁର୍ଲାସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ସମାରୋହରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି ।ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ସ୍ନାତକମାନେ ନିଜେ ସୁଯୋଗ ସୃଷ୍ଟି କରିବା ପାଇଁ ସାହସ ଓ ଦକ୍ଷତା ବିକଶିତ କରନ୍ତୁ। ସ୍ନାତକମାନଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ଭାରତ ଆତ୍ମବିଶ୍ୱାସର ସହ ଆଗକୁ ବଢୁଥିବା ସମୟରେ ଯୁବପିଢ଼ି ବୃତିଗତ ଜୀବନରେ ପ୍ରବେଶ କରୁଛନ୍ତି। କୃତ୍ରିମ ବୁଦ୍ଧିମତ୍ତା, ଉନ୍ନତ ଉତ୍ପାଦନ, ବାୟୋଟେକ୍ନୋଲୋଜି, ମହାକାଶ ଓ ସ୍ୱଚ୍ଛ ଶକ୍ତି ଭଳି କ୍ଷେତ୍ର ଯୁବ ପେସାଦାର ଓ ଉଦ୍ୟୋଗୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛି। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ ଭାରତର ପ୍ରକୃତ ଜିଡିପି ୭.୮ ପ୍ରତିଶତ ବଢ଼ିବାର ଆକଳନ ଦେଶର ଅର୍ଥନୀତିର ସ୍ଥିରତାକୁ ପ୍ରତିଫଳିତ କରୁଛି ବୋଲି ସେ କହିଥିଲେ। ପଶ୍ଚିମ ଏସିଆର ସାମ୍ପ୍ରତିକ ଘଟଣାବଳୀକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ବିଶ୍ୱ ରାଜନୀତି, ଶକ୍ତି ସୁରକ୍ଷା, ବାଣିଜ୍ୟ ଓ ପ୍ରଯୁକ୍ତି ପରସ୍ପର ସହ ଘନିଷ୍ଠ ଭାବେ ଜଡ଼ିତ। ଏଭଳି ପରିସ୍ଥିତି ଭାରତ ପାଇଁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ବଢ଼ାଇବା ସହ ସୌର ଓ ପବନ ଶକ୍ତି, ଶକ୍ତି ସଂରକ୍ଷଣ, ଗ୍ରୀନ୍ ହାଇଡ୍ରୋଜେନ, ଇଲେକ୍ଟ୍ରିକ୍ ମୋବିଲିଟି ଓ ଜଳବାୟୁ-ସହନଶୀଳ ପ୍ରଯୁକ୍ତି ଭଳି କ୍ଷେତ୍ରରେ ନୂଆ ସୁଯୋଗ ଆଣିଛି। ଜାତୀୟ ଶିକ୍ଷା ନୀତି ୨୦୨୦ରେ ବହୁବିଷୟକ ଶିକ୍ଷା, ସୂକ୍ଷ୍ମ ଚିନ୍ତନ, ଦକ୍ଷତା, ଗବେଷଣା ଓ ଉଦ୍ୟମିତା ଉପରେ ଗୁରୁତ୍ୱ ଦିଆଯାଇଥିବା ରାଜ୍ୟପାଳ କହିଥିଲେ। କେବଳ ନମ୍ବର ଓ ଡିଗ୍ରୀ ନୁହେଁ, ସମାଜ ଓ ଅର୍ଥନୀତିରେ ଅର୍ଥପୂର୍ଣ୍ଣ ଯୋଗଦାନ କରିପାରିବା ଭଳି ଦକ୍ଷତା ବିକଶିତ କରିବା ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ ।ସମାଜ ପ୍ରତି ଶିକ୍ଷାନୁଷ୍ଠାନ ମାନଙ୍କର ଦାୟିତ୍ୱ ଉପରେ ଗୁରୁତ୍ୱ ଦେଇ ରାଜ୍ୟପାଳ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମ ଗ୍ରହଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କ୍ରୋନିକ୍ କିଡନୀ ରୋଗର ଅଧିକ ପ୍ରାଦୁର୍ଭାବ ଥିବା ୩ଟି ଗ୍ରାମକୁ ବିଶ୍ୱବିଦ୍ୟାଳୟ ପୋଷ୍ୟ ଭାବେ ଗ୍ରହଣ କରିବା ସହ ସେଟ୍ରାଂଲ ୱେରହାଉସିଙ୍ଗ କର୍ପୋରେସନର ସହାୟତାରେ ଉଚ୍ଚ କ୍ଷମତାସମ୍ପନ୍ନ ଜଳ ବିଶୋଧନ ପ୍ଲାଂଟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କଥା ରାଜ୍ୟପାଳ କହିଥିଲେ। ଏହି ପଦକ୍ଷେପକୁ ପ୍ରତିଷେଧକ ସ୍ୱାସ୍ଥ୍ୟସେବା, ଜଳ ସୁରକ୍ଷା, ସ୍ଥାୟୀ ଜୀବିକା, ଡିଜିଟାଲ ସାକ୍ଷରତା ଓ ସ୍ଥାନୀୟ ଉଦ୍ୟମିତା କ୍ଷେତ୍ରକୁ ବିସ୍ତାର କରିବାକୁ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆହ୍ୱାନ ଜଣାଇଥିଲେ ।ଦେଶର ଅର୍ଥନୀତିକୁ ମଜବୁତ କରିବା ଓ ବିଦେଶୀ ମୁଦ୍ରା ସଚଂୟ ପାଇଁ ଦାୟିତ୍ୱବାନ ଜୀବନଶୈଳୀ ଆପଣାଇବାକୁ ରାଜ୍ୟପାଳ ସ୍ନାତକମାନଙ୍କୁ ଆହ୍ୱାନ ଦେଇଥିଲେ। ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମାଇବା ପାଇଁ ଇଲେକ୍ଟ୍ରିକ୍ ଯାନର ବ୍ୟବହାର, ଖାଇବା ତେଲର ଯଥା ସମ୍ଭବ କମ ବ୍ୟବହାର ଓ ଅନାବଶ୍ୟକ ବିଦେଶ ଯାତ୍ରା ଏଡ଼ାଇବାକୁ ସେ ପରାମର୍ଶ ଦେଇଥିଲେ। ଏତଦବ୍ୟତୀତ ଓଡ଼ିଶା ସମେତ ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଅନ୍ୱେଷଣ କରିବାକୁ ସେ ଯୁବପିଢ଼ିଙ୍କୁ ଉତ୍ସାହିତ କରିଥିଲେ। ଏହି ସମାବର୍ତ୍ତନ ସମାରୋହରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉଦବୋଧନ ଦେଇଥିଲେ।




## ବିସ୍ଥାପିତ ସଂଘ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା



ରାଉରକେଲା,୯/୯(ନି/ପ୍ର): ଇସ୍ପାତ କାରଖାନା ପ୍ରତିଷ୍ଠା ସମୟରେ ବିସ୍ଥାପିତ ହୋଇଥିବା ସ୍ଥାନୀୟ ୭୦ ମୌଜାର ଅଧିବାସୀମାନେ ବହୁଦିନ ହେବ ସେମାନଙ୍କ ସମସ୍ୟା ନେଇ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ ସେମାନଙ୍କ ସମସ୍ୟା ଲାଗି ରହିଥିବାରୁ, ୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ସଭାପତି ଖାଡା କୁଜୁରଙ୍କ ନେତୃତ୍ୱରେ ଆଜି ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ଦିଆଯାଇଥିଲା। ଏଥିସହିତ ୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀରଙ୍କୁ ସାକ୍ଷାତ କରିବା ସହ ସେମାନେ ସେମାନଙ୍କ ଦୁଃଖ ଜଣାଇଥିଲେ। ୭୦ ମୌଜା ବିସ୍ଥାପିତ ସଂଘର ସଭାପତି ଖାଡା କୁଜୁର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସେମାନେ ବିସ୍ଥାପିତ ସମସ୍ୟା ନେଇ ଏଡିଏମଙ୍କ ଦୌଡିବା ସହ ଦାବି ମଧ କରୁଛନ୍ତି, ଆର.ପି.ଡି.ସି. ମିଟିଂ ମଧ ୬ଟି ହୋଇସାରିଥିଲେ ମଧ କୌଣସି ନିଷ୍ପତ୍ତି ଏପର୍ଯ୍ୟନ୍ତ ହୋଇପାରି ନଥିବାରୁ, ବିସ୍ଥାପିତ ସଂଘ ପକ୍ଷରୁ ଦୁଃଖ ପ୍ରକାଶ କରାଯିବା ସହିତ ଏପରି ଅନ୍ୟାୟ ସେମାନଙ୍କ ପ୍ରତି ହେବା ଉଚିତ୍ ନୁହେଁ ବୋଲି କହିଥିଲେ। ୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ପରେ, ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନାଃ ଦସ୍ତଗୀର୍ ସେମାନଙ୍କୁ ପ୍ରତିଶ୍ରୁତି ଦେଇ କହିଥିଲେ ଯେ, ଆସନ୍ତା ମାସରେ ଭୁବନେଶ୍ୱର ଠାରେ ହେବାକୁ ଥିବା ମିଟିଂରେ ଏ ବିଷୟ ନେଇ ଆଲୋଚନା ହେବ। ବରକାନିରେ ପ୍ରସ୍ତାବିତ ରାଉରକେଲା ଇସ୍ପାତ କାରଖାନାର ବର୍ଦ୍ଧିତ (ରଙ୍ଘଷ୍ପରଭଷ୍ପସଲ୍ଟଭ) ପ୍ରକଳ୍ପରେ ବିସ୍ଥାପିତଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ସମସ୍ୟାର ସମାଧାନ କରାଯିବାକୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନାଃ ଦସ୍ତଗୀର୍ ପ୍ରତିଶ୍ରୁତି ଦେଇଥିଲେ। ୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଧାରଣାରେ ୭୦ ମୌଜା ବିସ୍ଥାପିତ ସଂଘର ସଭାପତି ଖାଡା କୁଜୁର, ସମ୍ପାଦକ ପୁରୋନ ଖାଲକୋ, ଉପଦେଷ୍ଟା ମୋଚିରାମ ତନ୍ତୀ, ବସନ୍ତ କିସାନ, ସୁଙ୍କାର ମହାତ୍ମା ଅନିଲ କୁମାର, ଲକ୍ଷ୍ମୀ ଭୁମିଜ, ସାବିତ୍ରୀ ଭୁମିଜ, ଶମ୍ଭୁନାଥ ପ୍ରସାୟତ, ସମୀର ପ୍ରମୁଖ ଶତାଧିକ ବିସ୍ଥାପିତ ବ୍ୟକ୍ତି ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ବିକ୍ଷୋଭ ଓ ଧାରଣାରେ ସାମିଲ ହୋଇଥିଲେ।

## କଲ୍ୟାଣୀ ରାୟ ମହାବିଦ୍ୟାଳୟ ଛାତ୍ରୀଙ୍କ ଥାନା ପରିଦର୍ଶନ



ରାଉରକେଲା,୯/୯(ନି/ପ୍ର): ହମିରପୁର ସ୍ଥିତ କଲ୍ୟାଣୀ ରାୟ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ମାନେ ସେକ୍ଟର ୧୯ ଥାନା ପରିଦର୍ଶନରେ ଆସି ଥାନାର କାର୍ଯ୍ୟକଳାପ, ଆଇନ କାନୁନ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ। ମହାବିଦ୍ୟାଳୟର ଶକ୍ତିଶ୍ରୀ ଏନପାଓ୍ୱରମେଣ୍ଟ ସେଲ ଅନ୍ତର୍ଗତ ପୋଷ ଓ ପୋସ୍କୋ ଆଇନ ସମ୍ପର୍କୀତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ସୁଜାତା ପାଢ଼ୀ, ଅଧ୍ୟାପିକା ଭାଗ୍ୟଶ୍ରୀ ବାରିକ, ଅଧ୍ୟାପିକା ମୀନତି ଦୀପ ଓ ଅଧ୍ୟାପକ ଅଭିରାମ ସରଘରିଆ ପ୍ରମୁଖଙ୍କ ନେତୃତ୍ୱରେ ଛାତ୍ରୀ ମାନେ ଥାନାରେ ପହଞ୍ଚିବା ପରେ ଥାନା ପକ୍ଷରୁ ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀମାନେ ଥାନା ମଧ୍ୟରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ, ମାଲଖାନା, କମ୍ପ୍ୟୁଟର ବିଭାଗ ବୁଲିବା ସହ ଥାନାରେ ଟଙ୍ଗା ହୋଇଥିବା ବିଭିନ୍ନ ଚାର୍ଟ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଥାନା ପରିସରରେ ଏକ ସଚେତନତା ସଭା କରାଯାଇ ନିଶାମୁକ୍ତ ଆଇନ, ସାଇବର ଠକେଇ ରୁ କିପରି ବଞ୍ଚିବା, ଯୌନ ନିର୍ଯାତନା ରକ୍ଷା ପାଇବା ପାଇଁ ପୋକ୍ସୋ ଆଇନ, ସମ୍ବିଧାନ, କର୍ତ୍ତବ୍ୟ, ୬ ପ୍ରକାର ମୌଳିକ ଅଧିକାର ତଥା ସମାଜ କିପରି ପୁରୁଷ କେନ୍ଦ୍ରିକ ଓ ଆଇନ କିପରି ନାରୀ କେନ୍ଦ୍ରିକ ସର୍ବୋପରି ସରକାରୀ ନିୟମ ପାଳନ ସମ୍ପର୍କରେ ଅବଗତ ହୋଇଥିଲେ। ସେହିପରି ଛାତ୍ରୀ ମାନଙ୍କ ତରଫରୁ ପଚରାଯାଇଥିବା ବିଭିନ୍ନ ପ୍ରଶ୍ନ ର ଉତର ରଖି ଥାନା ପ୍ରଭାରୀ ଶ୍ରୀ ସାହୁ ପୁଲିସ କିପରି ଜନସାଧାରଣଙ୍କ ବନ୍ଧୁ, ତଥା ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ସବଇନ୍ସପେକ୍ଟର ଦୁର୍ଯୋଧନ ପ୍ରଧାନ ସ୍ୱାଗତ ଭାଷଣ ସହ ଆଇନ୍ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ସବଇନ୍ସପେକ୍ଟର ରାଜେଶ ବେହେରା, ଏଏସଆଇ ମନୋରଞ୍ଜନ ପରିଡା, ଏଏସଆଇ ସୁରେଶ ଦାସ, ଏଏସଆଇ ବାସନ୍ତୀ ପ୍ରଧାନ, ନିଖିଲ ଡୁଙ୍ଗୁରି, ବନମାଳୀ ସାହୁ, ଆଇ ବି ସୋରେନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀମାନେ ଉପକୃତ ହୋଇଥିବାରୁ ମହାବିଦ୍ୟାଳୟ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ଭୂଷଲାଡ ଯୁବା ମଂଚ ତରଫରୁ ଗାଁରେ ସଫେଇ କାର୍ଯ୍ୟକ୍ରମ

ବଲାଙ୍ଗୀର,୯/୯(ନି/ପ୍ର): ବଲାଙ୍ଗୀର ଜିଲ୍ଲା କଂଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଭୂଷଲାଡ ଯୁବା ମଂଚ ତରଫରୁ ଆଜି ଗାଁରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ସଞ୍ଜିତ ସାହୁଙ୍କ ଆହ୍ୱାନ ତଥା ତେଜଭାନୁ ସାହୁଙ୍କ ନେତୃତ୍ୱରେ ଯୁବବର୍ଗ ମିଳିତ ହୋଇ ଗାଁର ରାସ୍ତାଘାଟ ସଫା କରିଥିଲେ। ସଫେଇ ଅଭିଯାନ, ସ୍ୱାସ୍ଥ୍ୟ ଓ ପରିବେଶକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବା ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଚାରିପାଖ ଅଳିଆ-ଆବର୍ଜନାମୁକ୍ତ ରହିଲେ ଡେଙ୍ଗୁ, ମ୍ୟାଲେରିଆ, ହଇଜା ଭଳି ରୋଗବ୍ୟାଧି ବ୍ୟାପିବାର ଆଶଙ୍କା କମିଯାଏ, ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ

## ତାଳଚେରଠାରେ ହେବ ହିନ୍ଦ ମଜଦୁର ସଭା ଓଡ଼ିଶା ରାଜ୍ୟ ସମ୍ମିଳନୀ



ରାଉରକେଲା,୯/୯(ନି/ପ୍ର): ହିନ୍ଦ ମଜଦୁର ସଭା ଓଡ଼ିଶା ରାଜ୍ୟ ପରିଷଦର ଆଗାମୀ ରାଜ୍ୟ ସମ୍ମିଳନୀ ତାଳଚେରଠାରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀ ସହିତ ସଭା ର ଓଡ଼ିଶା ରାଜ୍ୟ ପରିଷଦର ନୂତନ ରାଜ୍ୟ କମିଟି ଓ କର୍ମକର୍ତ୍ତାମାନଙ୍କ ନିର୍ବାଚନ ମଧ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୭ ତାରିଖରେ ସମ୍ବଲପୁରଠାରେ ସଭାପତି ବିଜୟ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ କମିଟି ବୈଠକରେ ରାଜ୍ୟ ସମ୍ମିଳନୀ ଆୟୋଜନ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ଓ ନିଷ୍ପତି ଗ୍ରହଣ କରାଯାଇଥିଲା। ଉକ୍ତ ନିଷ୍ପତି ଅନୁଯାୟୀ ଏବଂ ସଭା ର ଆଇନ ରେ ନିର୍ଦ୍ଧାରିତ ସମସ୍ତ ନିୟମ ଓ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଆଧାର କରି ଆଗାମୀ ରାଜ୍ୟ ସମ୍ମିଳନୀ ତଥା ରାଜ୍ୟ କମିଟି ଓ କର୍ମକର୍ତା ନିର୍ବାଚନ ସେପଟ୍ମ୍ବେର ୨୬-୨୭ ଦୁଇ ଦିନ ଧରି ତାଳଚେରଠାରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ଶିଳ୍ପାଂଚଳ, ଖଣି, କାରଖାନା ଓ ବିଭିନ୍ନ ପ୍ରତିଷ୍ଠାନରୁ ହିନ୍ଦ ମଜଦୁର ସଭା ସହ ସମ୍ବନ୍ଧିତ ସମସ୍ତ ଟ୍ରେଡ ୟୁନିଅନର ପ୍ରତିନିଧି, କର୍ମକର୍ତ୍ତା ଓ ଶ୍ରମିକ ସାଥୀମାନେ ଯୋଗଦେବେ। ସମ୍ମିଳନୀରେ ଶ୍ରମିକମାନଙ୍କ ବର୍ତମାନର ସମସ୍ୟା, ଚାକିରି ସୁରକ୍ଷା, ମଜୁରି, ସାମାଜିକ ସୁରକ୍ଷା, ଠିକା ଶ୍ରମିକଙ୍କ ସମସ୍ୟା, ଶ୍ରମିକ କଲ୍ୟାଣ ଏବଂ ଶ୍ରମିକଙ୍କ ନ୍ୟାଯ୍ୟ ଅଧିକାର ଆଦି ବିଷୟରେ ବ୍ୟାପକ ଆଲୋଚନା କରାଯିବ। ଏଥିସହିତ ରାଜ୍ୟରେ ସଭା ର ସାଙ୍ଗଠନିକ କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବା ଏବଂ ଶ୍ରମିକ ଆନ୍ଦୋଳନକୁ ତୃଣମୂଳ ସ୍ତରରେ ଅଧିକ ସଂଗଠିତ କରିବା ପାଇଁ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ମଧ ନିଷ୍ପତି ନିଆଯିବ। ଏଚଏମଏସ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସମ୍ମିଳନୀ ଓ କର୍ମକର୍ତା ନିର୍ବାଚନ ସଂଗଠନର ଆଇନ ଅନୁଯାୟୀ ସ୍ୱଚ୍ଛ, ଶୃଙ୍ଖଳିତ ଓ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସମ୍ପନ୍ନ କରାଯିବ। ସଂଗଠନର ଏକତା, ଶୃଙ୍ଖଳା ଓ ଗଣତାନ୍ତ୍ରିକ ପରମ୍ପରାକୁ ଅକ୍ଷୁଣ୍ଣ ରଖି ସମସ୍ତ ସମ୍ବନ୍ଧିତ ସଂଘର ସକ୍ରିୟ ସହଯୋଗ ଏହି ସମ୍ମିଳନୀକୁ ସଫଳ କରିବାରେ ମୁଖ୍ୟ ଭୂମିକା ନେବ। ଏହି ପରିପ୍ରେକ୍ଷୀରେ ଏଚଏମଏସ ଓଡ଼ିଶା ରାଜ୍ୟ ପରିଷଦ ସହ ସମ୍ବନ୍ଧିତ ସମସ୍ତ ସଂଘର ସାଥୀ, କର୍ମକର୍ତ୍ତା ଓ ପ୍ରତିନିଧିମାନଙ୍କୁ ରାଜ୍ୟ ସମ୍ମିଳନୀ ଓ ନିର୍ବାଚନ ପ୍ରକ୍ରିୟାରେ ପୂର୍ଣ୍ଣ ସହଯୋଗ କରିବା ସହିତ ଏହାକୁ ସଫଳ କରିବା ପାଇଁ ଏକତାବଦ୍ଧ ଭାବେ ଆଗେଇ ଆସିବାକୁ ଅନୁରୋଧ କରାଯାଇଛି। ତାଳଚେର ଠାରେ ହେବାକୁ ଥିବା ଏହି ରାଜ୍ୟ ସମ୍ମିଳନୀ ଓ ରାଜ୍ୟ କମିଟି ନିର୍ବାଚନ ହିନ୍ଦ ମଜଦୁର ସଭା ଓଡ଼ିଶାର ସାଙ୍ଗଠନିକ ଏକତାକୁ ଆହୁରି ମଜବୁତ କରିବା ସହିତ ଆଗାମୀ ଦିନରେ ଶ୍ରମିକ ସ୍ୱାର୍ଥ ଓ ଅଧିକାର ପାଇଁ ଏକ ଶକ୍ତିଶାଳୀ ଓ ସୁଦୃଢ଼ ଆନ୍ଦୋଳନ ଗଢ଼ି ତୋଳିବ ବୋଲି ଆଶା ପ୍ରକାଶ କରାଯାଇଛି।

## ସ୍ୱାମୀ ଶିବାନନ୍ଦଜୀ ମହାରାଜଙ୍କ ୧୩୯ ତମ ଜୟନ୍ତୀ ପାଳନ



ରାଉରକେଲା,୯/୯(ନି/ପ୍ର): ଛେଣ୍ଡ ସ୍ଥିତ ଦିବ୍ୟ ଜୀବନ ସଂଘ ପକ୍ଷରୁ ସ୍ୱାମୀ ଶିବାନନ୍ଦଜୀ ମହାରାଜଙ୍କ ୧୩୯ ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁଶୀଲ କୁମାର ମିଶ୍ର ଙ୍କ ସଭାପତିତ୍ୱ, କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର କୁମାର ପାଣ୍ଡବଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବ୍ରହ୍ମ ସାକ୍ଷାତକାର ନନ୍ଦଜୀ ମହାରାଜ ଯୋଗଦେଇ ସ୍ୱାମୀ ଶିବାନନ୍ଦଜୀ ମହାରାଜଙ୍କ ଜୀବନାଦର୍ଶ, ସେ ଦେଇଯାଇଥିବା ବାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବ୍ରହ୍ମ କିପରି ବ୍ୟାପକ, ସୃଷ୍ଟି ସ୍ଥିତି ପ୍ରଳୟ ଭକ୍ତି ଭଗବାନ, ବିଶ୍ୱର ଦୁଃଖୀ ଓ ରଙ୍କିଙ୍କୁ ଉଦ୍ଧାରିବା ପାଇଁ ତଥା ସ୍ୱାମୀ ଶିବାନନ୍ଦଜୀ ଦେଖାଇଥିବା ପଥ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ବେଦ ଓ ସ୍ୱାମୀ ଶିବାନନ୍ଦଜୀ ଦେଇଯାଇଥିବା ମାର୍ଗକୁ ଆପଣାଇବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଯୋଗ ପ୍ରାଣାୟାମ, ପାଦ ପୂଜା, ପାଦୁକା ସେବନ, ବାଳ ଭୋଗ, ଗଣେଶ କୀର୍ତନ, ଗୁରୁ ସ୍ତୋତ୍ର, ଶାନ୍ତି ପାଠ, ଜପ, ସ୍ୱାଧ୍ୟାୟ, ହନୁମାନ ଚାଳିଶା, ଭଜନ କୀର୍ତନ ଓ ପ୍ରସାଦ ସେବନ ଆୟୋଜନ କରାଯାଇଥିଲା। ଏହି ଅବସରରେ ବିରାଜ ପାଣ୍ଡବଙ୍କ ଜନ୍ମଦିବସ ପାଇଁ ସ୍ୱାମୀଜୀ ଆଶିର୍ବଚନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ପ୍ରକାଶ କୁମାର ପଣ୍ଡା, ପାଣ୍ଡବ ବେହେରା, ସୁରେନ୍ଦ୍ର ବେହେରା, କବିବର ସାହୁ, ଦିଗମ୍ବର ପାଢ଼ୀ, କାର୍ତ୍ତିକ ବରାଳ, ସର୍ବେଶ୍ୱର ମାନସିଂହ, ବି ଅଗ୍ରୱାଲ, ରାଜେନ୍ଦ୍ର ନାରାୟଣ ହୋତା, ବିଜୟାନନ୍ଦ ଅଗ୍ରୱାଲ, କାର୍ତ୍ତିକ ପାଣ୍ଡବ, ଅମୀୟ ବିଶ୍ୱାଳ, ଆର ଏନ୍ ତ୍ରିପାଠୀ, ନିରଞ୍ଜନ ତ୍ରିପାଠୀ, ଚିନ୍ମୟ ଦାଶ, ବ୍ରଜ କିଶୋର ପାଣି, ଗଗନ ବିହାରୀ ନନ୍ଦ, କେଦାର ବେହେରା, ବାଳକୃଷ୍ଣ ମହାରଣା, ଜ୍ୟୋତି ମହାନ୍ତି, ଲକ୍ଷ୍ମୀପ୍ରିୟା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରବିନ୍ଦ୍ର କୁମାର ପାଣ୍ଡବ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସନ୍ତା ୧୨ ତାରିଖ ରାଉରକେଲାର ସାହିତ୍ୟ ସଂଗଠନ ପାଳିବ କଳାଦିବସ

### ଆଦର୍ଶ ପାଠାଗାର ପାଇଁ ଏକ ହେଲେ ସାହିତ୍ୟିକ, ସାଂସ୍କୃତିକ, ସାମାଜିକ, ଶ୍ରମିକ ସଂଗଠନ ଓ ରାଜନୈତିକ ଦଳ

ରାଉରକେଲା,୯/୯(ନି/ପ୍ର): ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ସହରର ସର୍ବ ପୁରାତନ ସାହିତ୍ୟ ସଂସ୍କୃତିର ବାର୍ତାବହ ସାଜିଥିବା ଆଦର୍ଶ ପାଠାଗାର ଓ ଭଞ୍ଜଭବନକୁ ଠିକ୍ ବର୍ଷକ ତଳେ ନିଜ ଅକ୍ତିଆରକୁ ନେଇଥିବାରୁ, ଏହା ବିରୋଧରେ ସହରର ବିଭିନ୍ନ ସାହିତ୍ୟିକ, ସାମାଜିକ, ସାଂସ୍କୃତିକ ଓ ଶ୍ରମିକ ସଂଗଠନ ତଥା ବିଭିନ୍ନ ରାଜନୈତିକ ଦଳ ତରଫରୁ ଭଞ୍ଜ ଭବନ ସମ୍ମୁଖରେ ଥିବା ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତି ନିକଟରେ କଳାଦିବସ ପାଳନ କରିବ ବୋଲି ସ୍ଥିର କରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଓଡ଼ିଆ ଅସ୍ମିତା କଥା କହୁଥିବାବେଳେ, ରାଉରକେଲା ଇସ୍ପାତ କାରଖାନା ( ସେଲ)ଓଡ଼ିଆ ଅସ୍ମିତାକୁ ପଦାଘାତ କରି ଦୀର୍ଘ ୬୮ ବର୍ଷର ଅନୁଷ୍ଠାନ ଆଦର୍ଶ ପାଠାଗାର ତଥା ଭଞ୍ଜଭବନ କୁ ଜୋର ଜବରଦସ୍ତ ନିଜ ଅକ୍ତିଆରକୁ ନେଇଥିଲା। ୧୯୫୮ ମସିହାରେ ଭାଷା, ସାହିତ୍ୟ, ସଂସ୍କୃତି ପାଇଁ ପ୍ରତିଷ୍ଠିତ ହୋଇଥିବା ଆଦର୍ଶ ପାଠାଗାରର ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ତେବେ ନ୍ୟାୟାଳୟରେ ମାମଲା ବିଚାରଧୀନ ଥିଲା ବେଳେ ଅତ୍ୟନ୍ତ ଅନ୍ୟାୟ ଭାବେ କୋର୍ଟର ରହିତାଦେଶ କୁ ଅବଜ୍ଞା କରି ବଳପୂର୍ବକ ଭାବେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଜୋର ଜବରଦସ୍ତ ନିଜ ଅଧୀନକୁ ନେଇ ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି କୁଠାରାଘାତ କରିଛନ୍ତି ବୋଲି ଏକ ନିନ୍ଦା ପ୍ରସ୍ତାବ ଗୃହୀତ ହେବା ସହିତ ଘୋର ପ୍ରତିବାଦ କରାଯାଇଛି। ଏନେଇ ସ୍ଥାନୀୟ ସରୋବର ଠାରେ ଆଦର୍ଶ ପାଠାଗାର ସଭାପତି ରାଧାକାନ୍ତ ମିଶ୍ର ଙ୍କ ଆବାହକରେ ଆୟୋଜିତ ବୈଠକରେ ସହରର ବିଭିନ୍ନ ଅନୁଷ୍ଠାନରୁ ଓଡ଼ିଆ ଭାଷା ପ୍ରେମୀ ମାନେ ଆସନ୍ତା ୧୨ ତାରିଖ ଦିନ କଳାଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବିଭିନ୍ନ ଓଡ଼ିଆ ସଂଗଠନ, ଅନୁଷ୍ଠାନର କର୍ମକର୍ତାମାନଙ୍କୁ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି। ଏଥିପାଇଁ ସେହିଦିନଠାରୁ ଦସ୍ତଖତ ଅଭିଯାନ ସହ ଏ ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀ ,ରାଜସ୍ୱ ମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, ରାଜ୍ୟସଭା ସାଂସଦ, ଜିଲ୍ଲା ସାଂସଦ, ଜିଲ୍ଲାର ସମସ୍ତ ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ତଥା ଆବଶ୍ୟକ ସ୍ଥଳେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଙ୍କୁ ପ୍ରକୃତ ତଥ୍ୟ ଅବଗତ କରାଯାଇ ଏଥି ପ୍ରତି ନ୍ୟାୟ ପ୍ରଦାନ କରିବା ପାଇଁ ଅନୁରୋଧ କରାଯିବ। ଏଥିପାଇଁ ଓଡ଼ିଆ ଭାଷା ଓ ସଂସ୍କୃତିକୁ ସମ୍ମାନ ଦେଉଥିବା ସମସ୍ତଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି। ଆଜିର ଏହି ବୈଠକରେ ସହରର ବିଭିନ୍ନ ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ, ରାଜନୈତିକ ଦଳ ପକ୍ଷରୁ ସର୍ବଶ୍ରୀ ଡ ସନାତନ ପ୍ରଧାନ, ଅଭୟ କୁମାର ଦାସ, ପି ପି ରାୟ, ସଂଜୀବ ମହାନ୍ତି, ଅକ୍ଷୟ ସାମଲ, ଗଙ୍ଗାଧର ଦାଶ, ଶ୍ରୀମନ୍ତ ବେହେରା, ଏଟମ ରଥ, ଡା ବସନ୍ତ ଦାସ, ଆର୍ତତ୍ରାଣ ମହାପାତ୍ର, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ପ୍ରଦୀପ କୁମାର ପଟ୍ଟନାୟକ, ଆଲୋକ ବୋଷ, ବିଜୟ କୁମାର ପାତ୍ର, ଆଶୁତୋଷ ଜ୍ୟୋତିଷୀ, ବିଭୁତି ଭୁଷଣ ବିଶ୍ୱାଳ, କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## "ଚେତନା: ସତ୍ୟନିଷ୍ଠା ରୁ ସମୃଦ୍ଧି", ଆରଏସପିର ଏଲ୍ ଆଣ୍ଡ ଡି ସେଣ୍ଟରଠାରେ ନିବାରକ ସଚେତନତା କାର୍ଯ୍ୟକ୍ରମ



ରାଉରକେଲା,୯/୯(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର ସଚେତନତା ବିଭାଗ ପକ୍ଷରୁ ତିନି ମାସିଆ ଭିଜିଲାନ୍ସ ସଚେତନତା ଅଭିଯାନ ୨୦୨୬ର ଅଂଶସ୍ୱରୂପ, ସେପ୍ଟେମ୍ବର ୮ ତାରିଖରେ ରେ ଲର୍ଣ୍ଣିଂ ଆଣ୍ଡ ଡେଭେଲପମେଣ୍ଟ (ଏଲ୍ ଆଣ୍ଡ ଡି) ସେଣ୍ଟରଠାରେ "ଚେତନା: ସତ୍ୟନିଷ୍ଠା ରୁ ସମୃଦ୍ଧି" ଶୀର୍ଷକ ଏକ ନିବାରକ ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାରଖାନାର ମହାପ୍ରବନ୍ଧକ (ଭିଜିଲାନ୍ସ) ତଥା ଅତିରିକ୍ତ ମୁଖ୍ୟ ସତର୍କତା ଅଧିକାରୀ (ଏ.ସି.ଭି.ଓ) ଶ୍ରୀ ରଞ୍ଜନ ଭାର୍ତି ଉଦ୍ଯାପନୀ ସମାରୋହରେ ଅଧକ୍ଷତା କରିଥିଲେ। ଏଥିରେ ବିଭିନ୍ନ ବିଭାଗର ପ୍ରାୟ ୧୦୦ ଜଣ ଅଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମଧ୍ୟରେ ସତର୍କତା ସଚେତନତା ସପ୍ତାହ ଉପରେ ଆଧାରିତ ଏକ ବିଷୟବସ୍ତୁ-ଭିତ୍ତିକ ଭିଡିଓ ସହ କାରଖାନା ର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଆଲୋକ ବର୍ମାଙ୍କ ବାର୍ତା ପ୍ରଦର୍ଶିତ ହୋଇଥିଲା। ଏହି ବର୍ଷର ଅଭିଯାନର ମୂଳ ବିଷୟବସ୍ତୁ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ଭାର୍ତୀ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସର୍ବୋଚ୍ଚ ସାଧୁତା ଓ ନୈତିକତା ବଜାୟ ରଖିବାକୁ ଏବଂ ସ୍ଥାୟୀ ପ୍ରଗତି ପାଇଁ ସତର୍କତାକୁ ଏକ ମିଳିତ ଉତ୍ତରଦାୟିତ୍ୱ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଉପ-ମହାପ୍ରବନ୍ଧକ (ଭିଜିଲାନ୍ସ) ଶ୍ରୀ ସନ୍ଦୀପ ବଂଶଲ ସରକାରୀ କ୍ରୟ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ, ଯେଉଁଥିରେ ବିଭିନ୍ନ କ୍ରୟ ପ୍ରକ୍ରିୟା ବାବଦରେ ଆଲୋଚନା କରାଯାଇଥିଲା ଏବଂ ପ୍ରତ୍ୟେକ କ୍ରୟ କାର୍ଯ୍ୟରେ (ପିସିପି) କ୍ରୟ ଚୁକ୍ତି ପ୍ରକ୍ରିୟାବଳୀ, (ଏସବିଡି) ମାନକ ନିବିଦା ଦଲିଲ, ଓ (ସି.ଏମ.ଏମ.ଜି) କର୍ପୋରେଟ୍ ସାମଗ୍ରୀ ପରିଚାଳନା ଗୋଷ୍ଠୀ ର ନିର୍ଦ୍ଦେଶାବଳୀକୁ କଠୋର ଭାବେ ପାଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉପ-ମହାପ୍ରବନ୍ଧକ (ଭିଜିଲାନ୍ସ) ଶ୍ରୀ ଏ.କେ. ବିଶ୍ୱାଳ 'ନିବାରକ ସତର୍କତା' ସମ୍ପର୍କରେ ଏକ ସେସନ୍ ନେଇ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ସତର୍କତା ମୂଳକ କାର୍ଯ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ ଏବଂ ଯୋଜନା ଅଧିକାରୀମାନେ ସେମାନଙ୍କ ଭୂମିକାରେ କିପରି ସ୍ୱଚ୍ଛତା, ଉତରଦାୟିତ୍ୱ ଓ ନୈତିକ ନିଷ୍ପତି ଗ୍ରହଣ କରିପାରିବେ ତାହା ବୁଝାଇଥିଲେ। ବରିଷ୍ଠ ପ୍ରବନ୍ଧକ (ଭିଜିଲାନ୍ସ) ଶ୍ରୀ ଏମ୍.କେ. ସିଂ ଏବିଏମ୍ଏସ୍ (ଲାଟଂ ନିରୋଧୀ ପ୍ରବନ୍ଧନ ପ୍ରଣାଳୀ) ଉପରେ ଏକ ସେସନ୍ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପ-ମହାପ୍ରବନ୍ଧକ (ଭିଜିଲାନ୍ସ) ଶ୍ରୀ ସନ୍ଦୀପ ବଂଶଲ ସଂଯୋଜନା କରିଥିଲେ। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଙ୍କ ୨୦୨୬ ନିର୍ଦ୍ଦେଶାବଳୀ ଅନୁଯାୟୀ, ଯୋଜନା ଓ ସଂଗ୍ରହ କାର୍ଯ୍ୟ ପ୍ରକ୍ରିୟାରେ ନୈତିକତା, ସ୍ୱଚ୍ଛତା ଏବଂ ନିବାରକ ସଜାଗତାର ସଂସ୍କୃତିକୁ ସାମିଲ କରିବା ପାଇଁ ଆରଏସପି ର ପ୍ରତିବଦ୍ଧତାକୁ ଏହି ସେସନ୍ ଆହୁରି ସୁଦୃଢ଼ କରିଛି। କାରଖାନାର ମହାପ୍ରବନ୍ଧକ (ଭିଜିଲାନ୍ସ) ତଥା ଅତିରିକ୍ତ ମୁଖ୍ୟ ସତର୍କତା ଅଧିକାରୀ (ଏ.ସି.ଭି.ଓ) ଶ୍ରୀ ରଞ୍ଜନ ଭାର୍ତି ଉଦ୍ଯାପନୀ ସମାରୋହରେ ଅଧକ୍ଷତା କରିଥିଲେ।

## ସୁର ତରଙ୍ଗର ମାସିକ ସଙ୍ଗୀତ କାର୍ଯକ୍ରମ



ରାଉରକେଲା,୯/୯(ନି/ପ୍ର): ରାଉରକେଲା ସହରର ଜଣାଶୁଣା ସାମାଜିକ ସଂସ୍ଥା ସେୟାର ର ସୁର ତରଙ୍ଗ ପକ୍ଷରୁ ମାସିକ ସଙ୍ଗୀତ କାର୍ଯ୍ୟକ୍ରମ ସରୋବର ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଭଗବାନ ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଓଡ଼ିଆ ସଙ୍ଗୀତ ଜଗତର ପ୍ରସିଦ୍ଧ ସ୍ୱର୍ଗତ ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମାଙ୍କ ବନ୍ଦନା ଓ ପ୍ରଣବ ପଟ୍ଟନାୟକ ଙ୍କ ଜଗନ୍ନାଥ ଭଜନରୁ ଆରମ୍ଭ ହୋଇଥିଲା। ଏହା ପରେ ସୁର ତରଙ୍ଗର ସ୍ଥାପକ ଦିଲୀପ କୁମାର ପରିଡା ସଂସ୍ଥାର ଆଗାମୀ ସଙ୍ଗୀତ କାର୍ଯ୍ୟକ୍ରମ ଓ ସମସ୍ତ ପରିବାର ଲୋକଙ୍କ ସୁର ତରଙ୍ଗ ର ଯାତ୍ରା ଓ ଅନୁଭୂତି ବିଷୟରେ ଆଲୋକପାତ କରିଥିଲେ। ମନୋଜ ଶାହା କୁ ତାଙ୍କର ଅବସର ପରେ ନୂତନ ଯାତ୍ରାର ଜୀବନ ପାଇଁ ସମ୍ମାନିତ ଓ ଶୁଭେଛା ଦିଆଯାଇଥିଲା। ପରେ ଅନୁଷ୍ଠାନର ଶ୍ରାବଣୀ ମହାନ୍ତି, ଦିଲୀପ କୁମାର ପରିଡା, ବିଶ୍ୱଜିତ ଲେଙ୍କା, ଇତି ପଟ୍ଟନାୟକ, ମନୋଜ୍ ଶାହା, ଜଗନ୍ନାଥ ସାହୁ, ବିଳାସିନୀ ଅଧିକାରୀ, ରମେଶ ଷଡ଼ଙ୍ଗୀ, ରାଜେନ୍ଦ୍ର ଅଗ୍ରୱାଲ, ଅନିରୁଦ୍ଧ ସାହୁ, ମିଶ୍ର, ବିମଳ ସାହୁ, ,ଲୀନା ସେନାପତି, ନିବେଦିତା ବେହେରା ପ୍ରମୁଖ ସୁନ୍ଦର୍ ସୁନ୍ଦର୍ ଗୀତ ପରିବେଷଣ କରିଥିଲେ। ସେୟାରର ପରାମର୍ଶଦାତା ସୁରେଶ ରାଉତରାୟ ଓ ଗୌତମ ଦାସ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲାବେଳେ ବିମଳ କୁମାର ସାହୁ ଦିଗଦର୍ଶନ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଇତି ପଟ୍ଟନାୟକ ଓ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।